


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୪ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 14 February 2026
Vol.No. 36 ■ No.43 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ନୂଆ ପିଏମଓ ସେବା ତୀର୍ଥର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ,୧୩/୨ : ଭାରତର ସବୁଠାରୁ ଶକ୍ତିଶାଳୀ କ୍ଷମତା କେନ୍ଦ୍ରର ଠିକଣା ବଦଳି ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସେବା ତୀର୍ଥକୁ ଉଦଘାଟନ କରିଛନ୍ତି। ଏହି ନୂଆ ତଥା ଅତ୍ୟାଧୁନିକ କମ୍ପ୍ଲେକ୍ସରେ ରହିଛି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ବା ପିଏମଓ। ସ୍ୱାଧୀନତା ପରେ ପ୍ରଥମଥର ପାଇଁ ପିଏମଓର ଠିକଣା ବଦଳିଛି। ୧୯୪୭ ଭାରତର ସ୍ୱାଧୀନତା ପରଠାରୁ ପିଏମଓ ସାଉଥ ବ୍ଲକରେ ରହିଥିଲା। ହେଲେ ଏବେ ଏହାର ଠିକଣା ସେବା ତୀର୍ଥ କମ୍ପ୍ଲେକ୍ସକୁ ବଦଳି ଯାଇଛି। ଅପରାହ୍ନରେ ପ୍ରଧାନମନ୍ତ୍ରୀ ମୋଦି ନୂଆ ସେବା ତୀର୍ଥ ବିଲଡିଂର ନାଁ ଉନ୍ମୋଚନ କରିଛନ୍ତି। ସନ୍ଧ୍ୟାରେ



ସେ ବିଧିବଦ୍ଧ ଭାବେ ସେବା ତୀର୍ଥ ସହ 'କର୍ତ୍ତବ୍ୟ ଭବନ-୧ ଓ ୨'ର ଉଦଘାଟନ କରିବେ। ସେହିପରି ସନ୍ଧ୍ୟାରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ମୋଦି ସମ୍ବୋଧନ କରିବେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ସାଉଥ୍ ବ୍ଲକରେ କେନ୍ଦ୍ର କ୍ୟାବିନେଟର ଶେଷ ବୈଠକରେ ମଧ୍ୟ ଅଧ୍ୟକ୍ଷତା କରିବେ। ଶୁକ୍ରବାର ଅପରାହ୍ଣ ୪ଟାରେ ସାଉଥ ବ୍ଲକରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ବୈକ୍ଠକ ଶେଷ ହେବା ପରେ ପିଏମ୍‌ଓ ତୁରନ୍ତ 'ସେବା ତୀର୍ଥ'କୁ ସ୍ଥାନାନ୍ତରିତ ହୋଇଯିବ। 'ସେବା ତୀର୍ଥ'ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଓ କ୍ୟାବିନେଟ୍ ସଚିବାଳୟ ରହିଛି। ଏଗୁଡ଼ିକ ପୂର୍ବରୁ ଭିନ୍ନ ଭିନ୍ନ ସ୍ଥାନରେ ରହିଥିଲା। 'କର୍ତ୍ତବ୍ୟ ଭବନ-୧ ଓ ୨'ରେ ଅର୍ଥ ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଶିକ୍ଷା ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ରସାୟନ ଓ ସାର ମନ୍ତ୍ରଣାଳୟ ◆◆ପୃଷ୍ଠା ୭

## ପିଜି ସିଟ୍ ଡାଟା ଅପଡେଟ୍ ରଖିବାକୁ ଉଚ୍ଚଶିକ୍ଷା ବିଭାଗର ଚିଠି

ଭୁବନେଶ୍ୱର, ୧୩/୨ (ନି.ପ୍ର): ୨୦୨୬ -୨୭ ଶିକ୍ଷା ବର୍ଷ ପାଇଁ ପିଜି ସିଟ ପାଇଁ କେଉଁ ଶିକ୍ଷାନୁଷ୍ଠାନରେ କେତେ ସିଟ ରହିଛି ତାହାର ଡାଟା ଅପଡେଟ କରିବାକୁ ଉଚ୍ଚଶିକ୍ଷା ବିଭାଗ ଚିଠି ଲେଖିଛି। ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ଜୟପୁର, ସମ୍ବଲପୁରର ଆଂଚଳିକ ନିର୍ଦ୍ଦେଶକ ମାନଙ୍କୁ ଚିଠି କରିଛି ବିଭାଗ। ଫେବୃଆରୀ ୧୨ ରୁ ଫେବୃଆରୀ ୨୪ ଯାଏ ଅପଡେଟ ରଖିବେ ଏବଂ ୧୨ ତାରିଖ ଦିନ ୧୨ ରୁ ୨୪ ତାରିଖ ଦିନ ଯାଏ ଅପଡେଟ ରଖିବାକୁ ଚିଠିରେ କୁହାଯାଇଛି। ଡାଟା ଅପଡେଟ ରହିଲେ ଛାତ୍ରଛାତ୍ରୀ, ଅଭିଭାବକ, ସାଧରଣର ଲୋକେ ତଥ୍ୟ ଜାଣିପାରିବେ। ଏହାସହ ଇ - ସ୍ପେଶ୍ ରେ ମଧ୍ୟ ତଥ୍ୟ ରଖାଯିବ ବୋଲି କୁହାଯାଇଛି।

## ଏସିଡ୍ ମାଡ଼ରେ ଜୀବନ ହାରିଥିଲେ ପୀଡିତା: ଫାଶୀଦଣ୍ଡ ପାଇଲା ଦୋଷୀ

ବାଲେଶ୍ୱର, ୧୩/୨ (ନି.ପ୍ର): ବହୁଚର୍ଚ୍ଚିତ ବାଲେଶ୍ୱର ଯୁବତୀଙ୍କୁ ଏସିଡ୍ ମାଡ଼ ଘଟଣାର ରାୟ ପ୍ରକାଶ ପାଇଛି। ତିନି ବର୍ଷ ପୂର୍ବରୁ ବାଲେଶ୍ୱରରେ ଜଣେ ଯୁବତୀଙ୍କ ସମେତ ମୋଟ ୪ଜଣଙ୍କ ଉପରେ ହୋଇଥିବା ଏସିଡ୍ ମାଡ଼ ଘଟଣାର ରାୟ ଶୁଣାଇଛନ୍ତି ସ୍ୱତନ୍ତ୍ର କୋର୍ଟ। ନିଜ ଆଦେଶରେ କୋର୍ଟ ଘଟଣାର ଦୋଷୀ ଚନ୍ଦନ ରଣାକୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ଜଣାଯାଏ ୨୦୨୩ ଫେବ୍ରୁଆରିରେ ବାଲେଶ୍ୱରରେ ଜଣେ ଯୁବତୀଙ୍କ ସମେତ ମୋଟ ୪ଜଣଙ୍କ ଉପରେ ଏସିଡ ମାଡ଼ ହୋଇଥିଲା। ପୀଡିତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ପୀଡିତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୩ଜଣ ପରବର୍ତ୍ତୀ ସମୟରେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଏହି ଘଟଣାରେ ଚନ୍ଦନ ରଣା ଅଭିଯୁକ୍ତ ଥିଲା। ପୁଲିସ ଚନ୍ଦନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବାଲେଶ୍ୱର ସ୍ୱତନ୍ତ୍ର କୋର୍ଟ ସାକ୍ଷୀମାନଙ୍କର ବୟାନ ଏବଂ ତଦନ୍ତ ରିପୋର୍ଟକୁ ଆଧାର କରି ଚନ୍ଦନ ରଣାକୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି। ତିନି ବର୍ଷ ପରେ ଏହି ରାୟ ଆସିଲା ପରେ ଘଟଣାର ପ୍ରତକ୍ଷ୍ୟଦର୍ଶୀ କହିଛନ୍ତି, ଦୋଷୀକୁ ଉପଯୁକ୍ତ ଦଣ୍ଡ ମିଳିଛି।

## ପ୍ରେମ, ପ୍ରତାରଣା ଓ ଠକେଇ ଅଭିଯୋଗରେ ଅବକାରୀ ଏଏସ୍ଆଇ ଗିରଫ

ବ୍ରହ୍ମପୁର, ୧୩/୨ (ନି.ପ୍ର): ପ୍ରେମ, ପ୍ରତାରଣା ଓ ଠକେଇ ଅଭିଯୋଗରେ ଆଜି ଜଣେ ଅବକାରୀ ଏଏସ୍ଆଇ ଗିରଫ ହୋଇଛନ୍ତି। ଅଭିଯୁକ୍ତ ସୁରେନ୍ଦ୍ର ପ୍ରଧାନ ଏବେ ଅନୁଗୁଳଜିଲ୍ଲା ଆଠମଲ୍ଲିକ ଅବକାରୀ ଥାନାରେ କାର୍ଯ୍ୟରତ। କିଛିଦିନ ତଳେ ସେ ବ୍ରହ୍ମପୁର ଅବକାରୀ ଗୁଇନ୍ଦା କାର୍ଯ୍ୟାଳୟରୁ ସେଠାକୁ ବଦଳି ହୋଇଛନ୍ତି। ବ୍ରହ୍ମପୁର ସାଇବର ପୁଲିସ ସୁରେନ୍ଦ୍ରଙ୍କୁ ଗିରଫ ପରେ ଆଜି ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଶ୍ରୀ ପ୍ରଧାନ ବ୍ରହ୍ମପୁର ଅବକାରୀ ଗୁଇନ୍ଦା କାର୍ଯ୍ୟାଳୟରେ ଗତ ୩ ବର୍ଷ ଧରି କାର୍ଯ୍ୟ କରୁଥିଲେ। ଏହି ସମୟରେ ବ୍ରହ୍ମପୁରର ଜନୈକା ଯୁବତୀଙ୍କ ସହ ସେ ଇନ୍‌ଷ୍ଟାଗ୍ରାମ୍‌ରେ ସମ୍ପର୍କ ସ୍ଥାପନ କରିଥିଲେ। ଉଭୟ ବିଭିନ୍ନ ସ୍ଥାନରେ ମିଳାମିଶା କରୁଥିଲେ। ଅଭିଯୁକ୍ତ ତାଙ୍କୁ ବିବାହର ◆◆ପୃଷ୍ଠା ୭






## 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'କୁ ପତାକା ଦେଖାଇ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଦିନ ରାଜ୍ୟବାସୀଙ୍କ ପାଇଁ 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'କୁ ପତାକା ଦେଖାଇ ଆରମ୍ଭ କରିଛନ୍ତି। ନବରଂଗପୁରରେ ଆୟୋଜିତ ଏକ ସମାରୋହରେ 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଅସ୍ମିତା ଓ ଅନନ୍ୟ ଐତିହ୍ୟର ସୁରକ୍ଷା ସହ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଆମ ସରକାର ଲୋକଙ୍କୁ ଶାସନର କେନ୍ଦ୍ରବିନ୍ଦୁ ଭାବେ ଗ୍ରହଣ କରେ ଏବଂ ସେମାନଙ୍କ ଆଶା-ଆକାଂକ୍ଷାକୁ



ପୂରଣ କରିବାକୁ ପରମ କର୍ତ୍ତବ୍ୟ ବୋଲି ଭାବେ। ଅନେକ ସମୟରେ ଆର୍ଥିକ ଅଭାବ ବା ପାରିବାରିକ ଜଞ୍ଜାଳ ଯୋଗୁଁ ଆମର ଆର୍ଥିକ ଅନଗ୍ରସର ଓ ବରିଷ୍ଠ ନାଗରିକମାନେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ରହିଯାଆନ୍ତି । ସେମାନଙ୍କର ସେହି ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ଏହି ଅଭିନବ ଯୋଜନା ଆରମ୍ଭ କରିଛୁ, ଯେଉଁଠାରେ ସରକାର 'ଶ୍ରବଣ କୁମାର' ସଦୃଶ ବୟୋଜ୍ୟେଷ୍ଠ ଓ ବିଧବା ମା'ମାନଙ୍କୁ ସମ୍ମାନର ସହ ଶ୍ରୀକ୍ଷେତ୍ର ନେଇ ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନର ବ୍ୟବସ୍ଥା କରିବେ । ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାସହ, ବିକାଶ ଓ ବିରାସତର ସମନ୍ୱୟ ରକ୍ଷା କରି ନବରଙ୍ଗପୁରବାସୀଙ୍କ ଦୀର୍ଘଦିନର ଦାବିକୁ ସମ୍ମାନ ଜଣାଇ ଆଜି ନବରଙ୍ଗପୁର ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯାହା ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ବିପ୍ଳବ ଆଣିବ ଏବଂ ◆◆ପୃଷ୍ଠା ୭

## ବିଜୟଙ୍କ ରାଲିରେ ପୁଣି ଅଘଟଣ: ଚାଲିଗଲା ଜଣଙ୍କ ଜୀବନ

ନୂଆଦିଲ୍ଲୀ,୧୩/୨ : ଅଭିନେତାରୁ ନେତା ବନିଥିବା ଟିଭିକେ ମୁଖ୍ୟ ବିଜୟଙ୍କ ରାଲିରେ ପୁଣି ଅଘଟଣ। ତାମିଲନାଡୁର ସାଲେମରେ ଆଜି ବିଜୟଙ୍କ ରାଜନୀତିକ ସଭାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ୩୭ ବର୍ଷୀୟ ସୂରଜ। ସେ ଆଜି ବିଜୟଙ୍କ ବିଶାଳ ରାଜନୀତିକ ରାଲିରେ ଯୋଗ ଦେଇଥିଲେ। କିନ୍ତୁ କାର୍ଯ୍ୟକ୍ରମ ସମୟରେ ସେ ଅଚେତ ହୋଇ ଯାଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂରଜଙ୍କ ଘର



ମହାରାଷ୍ଟ୍ରରେ ଓ ସେ ବିଜୟଙ୍କର ଜଣେ ବଡ଼ ପ୍ରଶଂସକ। ପୁଲିସ୍ କହିଛି ଯେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସୂରଜ ପଡ଼ି ଯାଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲେ। ସେ ସମ୍ଭବତଃ ହୃଦଘାତରେ ପ୍ରାଣ ହରାଇଛନ୍ତି। ତଥାପି ଘଟଣାର ତଦନ୍ତ ଚାଲିଛି। ବିଜୟଙ୍କ ରାଲିରେ ହୋଇଥିବା ଅସମ୍ଭାଳ ଭିଡ଼ର କିଛି ଭିଡିଓ ମଧ ସାମ୍ନାକୁ ଆସିଛି। ବିଜୟଙ୍କ କନଭୟ ଆଗରେ ଯାଉଥିବା ବେଳେ ଅନେକ ବାଇକ ତାଙ୍କ ପିଛା କରୁଛନ୍ତି। ବିଜୟ ସେମାନଙ୍କୁ ହାତ ହଲାଇ ଅଭିବାଦନ ଜଣାଉଥିଲେ ହେଁ ସତର୍କତା ଅବଲମ୍ବନ କରିବାକୁ ସଙ୍କେତ ଦେଉଥିବା ଦେଖାଯାଉଛି। ବିଜୟ ରାଲି ସ୍ଥଳକୁ ଆସିବା ସମୟରେ ଶତାଧିକ ସମର୍ଥକ ତାଙ୍କର ଝଲକ ◆◆ପୃଷ୍ଠା ୭

## ନୀଳପଦ୍ମ ଆପାର୍ଟମେଂଟରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୧୩/୨ (ନି.ପ୍ର): ଝାରପଡାର ନୀଳପଦ୍ମ ଆପାର୍ଟମେଂଟରେ ଅଗ୍ନିକାଣ୍ଡ ଘଟିଛି। ଝାରପଡା ଗଣେଶ ମଣ୍ଡପ ପାଖରେ ଥିବା ଆପାର୍ଟମେଂଟରେ ହଠାତ୍ ନିଆଁ ଲାଗିଥିଲା। ଧୂଆଁ ବାହାରୁଥିବାର ଦେଖି ଲୋକେ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ନିଆଁ ଲିଭାଇବାରେ ଦୁଇଟିକୁ ଟିମ୍ ମୁତୟନ ରହିଛନ୍ତି। କେଉଁ କାରଣ ପାଇଁ ନିଆଁ ଲାଗିଛି ତାହା ସ୍ପଷ୍ଟ ହୋଇନାହିଁ।

## କେରଳ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପ୍ରଚାର କମିଟି ଉପାଧ୍ୟକ୍ଷ ହେଲେ ଶଶୀ ଥରୁର

ନୂଆଦିଲ୍ଲୀ,୧୩/୨ : କେରଳ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପ୍ରଚାର କମିଟିର ଉପାଧ୍ୟକ୍ଷ ଭାବେ ଦଳୀୟ ସାଂସଦ ଶଶୀ ଥରୁରଙ୍କୁ ନିଯୁକ୍ତି ଦିଆଯାଇଛି। ଲଗାତାର ଦଳ ବିରୋଧୀ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ଥିଲେ ଥରୁର । ଦଳର ଉଚ୍ଚସ୍ତରରେ ଆପୋସ ଆଲୋଚନାର କିଛିଦିନ ପରେ ଥରୁରଙ୍କ ନିଯୁକ୍ତି ସମ୍ପର୍କରେ



ଘୋଷଣା କରାଯାଇଛି। ଏହି ନିଯୁକ୍ତି ଉଭୟ ପକ୍ଷଙ୍କ ପାଇଁ ଫାଇଦା ଆଣିବ ବୋଲି କୁହାଯାଉଛି। ତିରୁବନନ୍ତପୁରମରୁ ଲଗାତାର ୪ ଥର ସାଂସଦ ଜିତିଥିଲେ ମଧ ଦଳରେ କୌଣସି ଦାୟିତ୍ୱ ଦିଆଯାଉ ନଥିବାରୁ ହାଇକମାଣ୍ଡଙ୍କ ଉପରେ ଖପ୍ପା ଥିଲେ ଥରୁର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରଶଂସା କରିବା ◆◆ପୃଷ୍ଠା ୭

# ବଲାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର



ନୀଳଗିରି , ୧୩/୨ (ନି.ପ୍ର): ବଲାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ନିର୍ଦ୍ଦେଶିତ ଛାତ୍ରୀ ଆତ୍ମସୁରକ୍ଷା ଶିବିର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ରତ୍ନାକର ସିଂହ ସମେତ କଲେଜର ବରିଷ୍ଠ ଅଧ୍ୟାପକ ମନୋଜ କୁମାର ନାୟକ, ଅଜୟ କୁମାର ମହାକୁଡ଼, ବିଶ୍ୱଜିତ ପ୍ରଧାନ, ସନ୍ତୋଷ ପଣ୍ଡାଙ୍କ ଗହଣରେ ଶିବିରକୁ ଉଦଘାଟନ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଛାତ୍ରୀମାନେ ଆତ୍ମସୁରକ୍ଷାର ଏକାନ୍ତ ଆବଶ୍ୟକତା ରହିଛି ବୋଲି ଡ.ସିଂହ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶିବିରର ସଂଯୋଜିକା ବାଣିଜ୍ୟ ବିଭାଗ ଅଧ୍ୟାପିକା ଶ୍ରୀନିତା ଘୋଷ, ଗୃହ ବିଜ୍ଞାନ ଅଧ୍ୟାପିକା ନମିତା ଦତ୍ତ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ତନୁଶ୍ରୀ ପୋଥାଳ ଓ କନିଷ୍ଠ କିରାଣୀ କୁନ୍ତଳା ଖିଲାରଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ମୁଖ୍ୟପ୍ରଶିକ୍ଷକ ଭାବରେ ବବିତା ସେଠୀ ୫୭ଜଣ ଛାତ୍ରୀମାନଙ୍କୁ ଗୋଟିଏ ଶ୍ରେଣୀରେ ଆଠଦିନଧରି ବିଭିନ୍ନ କୌଶଳମାନ ଶିକ୍ଷା ଦେଇଥିଲେ।

# ଧାନ ବ୍ୟବସାୟୀଙ୍କ ଗୋଦାମରେ ଚଢ଼ଉ: ଧାନ ଜବତ

ମାଲକାନଗିରି, ୧୩/୨ (ନି.ପ୍ର): ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାଲକାନଗିରି ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ବାକି ରହିଯାଇଥିବା ଚାଷୀଙ୍କ ଧାନକୁ ଯାଂଚ୍ ନିମନ୍ତେ ଏକ ସ୍କ୍ୱାର୍ଡ ଗଠନ କରାଯାଇ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ବୁଧବାର ୧୧ ଫେବୃଆରୀରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜିଲ୍ଲା ଯୋଗାଣ ବିଭାଗର ଏନଫୋର୍ସମେଂଟ ଟିମ୍ କାଳିମେଳା ବ୍ଲକର କେତେକ ସ୍ଥାନରେ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଧାନ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ସ୍ଥାନାନ୍ତରିତ ହେଉଥିବାର ଜାଣି ଚଢଉ କରିଥିଲେ । ଚଢଉ ବେଳେ ବଦଲି ପଂଚାୟତର ଗୋଟିଏ ଘରୋଇ ଗୋଦାମରେ ପ୍ରଶାନ୍ତ ଦେଙ୍କ ଦ୍ୱାରା ପାଖାପାଖି ୨୦୦ କୁଇଣ୍ଟାଲ ରଖିଥିବା ଧାନକୁ ଜବତ କରି ସିଲ୍ କରାଯାଇଥିଲା । ସେହି ଗୋଦାମ ନିକଟରୁ ଗୋଟିଏ ଟ୍ରକରୁ ୨୦୦ କୁଇଂଟାଲ (ପାଖାପାଖି) ଧାନ ଥାଇ ଜବତ କରାଯାଇ ପଟେରୁ ଫାଣ୍ଡିରେ ଜମା ଦିଆଯାଇଛି, ତା ସହିତ ଗୋଦାମ ମାଲିକ, ଦଲାଲ ଓ ଅନ୍ୟାନ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏଫଆଇଆର ଦିଆଯିବ । ସେହିପରି ମାନ୍ୟମକୋଣ୍ଡା ଅଂଚଳରୁ ଗୋଟିଏ ଟ୍ରାକ୍ଟରରେ ପାଖପାଖି ୪୦ କୁଇଂଟାଲ ଧାନ ଏବଂ ଗମ୍ପାକୋଣ୍ଡା ଅଂଚଳରୁ ୨ଟି ପିକଅପ୍ ଭ୍ୟାନରେ ପାଖପାଖି ୮୦ କୁଇଂଟାଲ ଧାନ ଜବତ କରାଯାଇଛି । ଏ ସମସ୍ତ ଗାଡିକୁ କାଲିମେଳା ଥାନାରେ ଡ୍ରାଇଭର ସହ ଅଟକ ରଖାଯାଇଅଛି । ଏ ସମସ୍ତ ଜବତ ହୋଇଥିବା ଧାନର ଯାଂଚ୍ ପ୍ରକ୍ରିୟା ଜିଲ୍ଲା ଯୋଗାଣ ବିଭାଗ ଦ୍ୱାରା ଚାଲୁରହିଅଛି । ଯେହେତୁ ବର୍ତମାନ ଜିଲ୍ଲାପାଳ, ମାଲକାନଗିରିଙ୍କ ନିର୍ଦ୍ଦେଶ ମତେ ଜିଲ୍ଲାର ୬୮ ଗୋଟି ମଣ୍ଡିରେ ପଞ୍ଜୀକୃତ ହୋଇଥିବା ସମସ୍ତ ଚାଷୀମାନଙ୍କର ପ୍ରକୃତ ଧାନର ପରିମାଣ ଯାଂଚ୍ କରାଯାଉଅଛି । ଏହି ଜବତ ହୋଇଥିବା ଧାନ ଯେଉଁ ଚାଷୀମାନଙ୍କ ଠାରେ ଧାନ ମହଜୁଦ ନାହିଁ ସେମାନଙ୍କ ଘରେ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଗଛିତ କରାଯାଇ ପରେ ମଣ୍ଡିରେ ବିକ୍ରି କରାଯାଇଥାଏ । ସମ୍ପୃକ୍ତ ଅସାଧୁ ଧାନ ବେପାରୀ ଓ ଗାଡି ମାଲିକଙ୍କ ବିରୋଧରେ ଏଫଆଇଆର୍ ଦିଆଯିବ । ତେଣୁକରି ଏହିଭଳି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଯେପରି ଧାନର କିଛି ବି ସ୍ଥାନାନ୍ତରଣ ନ ହୁଏ, ସେଥିପ୍ରତି ଜିଲ୍ଲାପାଳ, ମାଲକାନଗିରି ଓ ଆରକ୍ଷୀ ଅଧିକ୍ଷକ, ମାଲକାନଗିରି ସମସ୍ତ ପୋଲିସ ବାହିନୀଙ୍କୁ ଦିନ ରାତି ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ କରାଯାଇଥିବା ତନଖି ଫାଟକ ମାନଙ୍କରେ ମଧ ଯାଂଚ୍ କଡାକଡି କରାଯାଇଛି । ଧାନ ବିକ୍ରି ସରିବା ପର୍ଯ୍ୟନ୍ତ ଏହି ଚଢଉ ଜାରି ରହିବ । ଉପଯୁକ୍ତ ଚାଷୀମାନଙ୍କ ଠାରୁ ସଠିକ ସମୟ ମଧ୍ୟରେ ଧାନ କ୍ରୟ କରାଯିବ । ଏଥିରେ ଉପଯୁକ୍ତ ଚାଷୀ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ । ମାଲକାନଗିରି ବ୍ଲକ ତମସା, ତଣ୍ଡାପଲ୍ଲୀ ଓ ଶିଖପାଲୀ ପଂଚାୟତର କିଛି ଚାଷୀ ଅଭିଯୋଗ କରିଛନ୍ତି ଯେ, ଏମଭି ୧୩ ଓ ଏମଭି ୧୭ଗ୍ରାମର କିଛି ଦଲାଲ ଜାତୀୟ ରାଜପଥ କଡରେ ଧାନ ଗୋଦାମ କରି ଚାଷୀଙ୍କ ଠାରୁ କମ ଦରରେ ଧାନ କିଣି ସେହି ଧାନକୁ ମଣ୍ଡିରେ ନିୟନ୍ତିତ ବଜାର କମିଟି ଓ ଯୋଗାଣ ବିଭାଗ କର୍ମଚାରୀଙ୍କୁ ହାତ କରି ମଣ୍ଡିରେ ବିକ୍ରୀ କରୁଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ଉକ୍ତ ଦୁଇଟି ସ୍ଥାନରେ ଥିବା ଦଲାଲଙ୍କ ଗୋଦାମ ଉପରେ ଚଢ଼ଉ କରିବା ସହ ମାଲକାନଗିରି ଯୋଗାଣ ବିଭାଗ ପ୍ରଥମେ ଘର ପାଖରେ ଧାନ ଖାଉଥିବା ମୂଷା ମାନଙ୍କୁ ଜବତ ନକରି ଦୂରରେ ଥିବା ମୂଷା ମାନଙ୍କୁ ଧରିବା ପାଇଁ ତତ୍ପରତା ଦେଖାଇବା ପଛରେ କ'ଣ ରହସ୍ୟ ରହିଛି ଖୋଦ୍ ଜିଲ୍ଲାପାଳ ତଦନ୍ତ କରିବା ପାଇଁ ଦାବୀ ହେଉଛି।

# କରଦା ପଂଚାୟତ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ

କୋରେଇ, ୧୩/୨ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଦୁର୍ବଳ ହୋଇପଡିଥିବା କଂଗ୍ରେସ ଦଳକୁ ପୁନଃଜିବୀତ କରିବାକୁ ବ୍ଲକ କଂଗ୍ରେସ କମିଟି ସଭାପତି ହରେକୃଷ୍ଣ ସାହୁ ଅଂଟା ଭିଡିଛନ୍ତି । ପୁରୁଣା କଂଗ୍ରେସ କର୍ମୀ ମାନଙ୍କୁ ଏକାଠି କରିବା ସହ ଦଳ ଛାଡି ବିଜେପି ଦଳରେ ସାମିଲ୍ ହୋଇଥିବା ପୁରୁଣା କଂଗ୍ରେସ କର୍ମୀ ମାନେ ପୁଣି ଦଳରେ ସାମିଲ୍ ହେଉଥିବା ଦେଖିବାକୁ ମିଳିଛି । ଏହି ଅବସରରେ କରଦା ପଂଚାୟତର ସଭାପତି ଭାବେ ନବୀନ ମଲିକ, କାର୍ଯ୍ୟକାରୀ ସଭାପତି ଭାବେ ବିରଜା ପ୍ରସାଦ ଚୌଧୁରୀ ଓ ଯୁବ ସଭାପତି ଭାବେ ଦିଲ୍ଲୀପ ଜେନାଙ୍କୁ ସର୍ବ ସମ୍ମତ ସହମତିରେ ଚୟନ କରାଯାଇଥିଲା । ଏଥି ସହିତ କରଦା ପଂଚାୟତର ଲକ୍ଷ୍ମୀଧର ଭୁୟାଁ, କେଶବ ମଲିକ, ଦଧିବାମନ ଦାସ, ନିରଂଜନ ମଲିକ ଓ ଦୟାନିଧି ଭୁୟାଁ ପ୍ରମୁଖ କଂଗ୍ରେସ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଦଳ ଛାଡି କଂଗ୍ରେସରେ ଯୋଗଦେଇଥିଲେ । ବ୍ଲକ କଂଗ୍ରେସ ସଭାପତି ହରେକୃଷ୍ଣ ସାହୁ ଉପସଭାପତି ନିରଂଜନ ନାୟକ, ପୂର୍ବତନ ସଭାପତି ମଦୁସୂଦନ ସାହୁ, ଜନାର୍ଦ୍ଦନ କର, ସୁଧିର ମହାନ୍ତି ଛକ୍ରଧର ବାରିକ, ବସନ୍ତ ଦାସ, ଶରତ ପାଣିଗ୍ରାହୀ ଲକ୍ଷ୍ମୀଧର ଭୂୟାଁ ଦିଲ୍ଲିପ ଜେନା, ସୁନାକର ମଲିକ, କୁଳମଣି ସେନାପତି, ନାରଣ ମଲିକ, ନୀଳମାଧବ ବେହେରା, ଦୁର୍ଗା ପ୍ରସାଦ ଖଣ୍ଡାଇ, ନିରଂଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଚାର୍ଯ୍ୟ ହରିହର ଜୟନ୍ତୀ ପାଳିତ

ପୁରୀ, ୧୩/୨ (ନି.ପ୍ର): ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଓ ଆଦର୍ଶ ସମସ୍ତଙ୍କ ପାଇଁ ସର୍ବଦା ପ୍ରେରଣାଦାୟୀ। ଆଚାର୍ଯ୍ୟଙ୍କ ଜୀବନ ସେବା, ସମର୍ପଣ ଓ ତ୍ୟାଗ ର ଶିକ୍ଷା ଦିଏ। ତାଙ୍କ ଭଲ ମଣିଷ ହୁଅର ଆହ୍ୱାନ ପ୍ରତ୍ୟେକ ମଣିଷ ଚରିତ୍ରକୁ ସବୁଦିନ ସଂସ୍କାରିତ କରି ଚାଲିଥିବ ବୋଲି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ମତବ୍ୟକ୍ତ କରିଛନ୍ତି। ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ, ସର୍ବୋଦୟ ମେଳା ସମିତି ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ୧୪୭ ତମ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଆଚାର୍ଯ୍ୟ ହରିହରଙ୍କ ବାଗ୍ମୀତା, ମେଧା ଓ ବୁଦ୍ଧିମତା ଅନନ୍ୟ ବୋଲି କହିବା ସହ ତାଙ୍କ ଆଦର୍ଶ ଓ ଜୀବନ ଦର୍ଶନ ସମଗ୍ର ମାନବ ଜାତି ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଓଡିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଟୀକାୟତରାୟ ଆଚାର୍ଯ୍ୟ ହରିହରଙ୍କ ଜୀବନ ଓ ଜୀବନ ଚର୍ଯ୍ୟା ଅତ୍ୟନ୍ତ ସରଳ ଓ ନିରାଡମ୍ବର ରହିଥିଲା ସତ ହେଲେ ତାଙ୍କ ଆଦର୍ଶ ଓ ଚରିତ୍ର ଉଚ୍ଚ ମୂଲ୍ୟବୋଧର ପ୍ରତୀକ ଥିଲା ବୋଲି କହିଥିଲେ। ଜଣେ ଜ୍ଞାନୀ, ଗୁଣୀ ହୋଇ ମଧ୍ୟ ସେ ଅତି ସାଧାରଣ ଜୀବନ ଯାପନ କରୁଥିଲେ । ତାଙ୍କ ଆଚରଣ ଓ ଉଚ୍ଚାରଣରେ ପ୍ରଭେଦ ନ ଥିଲା ବୋଲି ଶ୍ରୀ ଟୀକାୟତରାୟ କହିଥିଲେ। ସର୍ବୋଦୟ ମେଳା ସମିତିର ସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ଅତିଥି ମାନେ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦର ସମ୍ପାଦକ ଶିବ ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ସଭା ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ଛାତ୍ର ବୃତି ପାଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସଭା ପୂର୍ବରୁ ଅତିଥି ମାନେ ଗାନ୍ଧୀ ଘାଟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତି ଆଚାର୍ଯ୍ୟ ହରିହର ଛକ ସ୍ଥିତ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତି, ବାର ଆସୋସିଏସନ ନିକଟରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତି ଓ ସଦଭାବନା ସଭାଗୃହରେ ଆଚାର୍ଯ୍ୟ ହରିହର, ମହାତ୍ମାଗାନ୍ଧୀ ଓ ବିନୋବାଭାବେଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ, ସର୍ବୋଦୟ ମେଳା ସମିତିର ସଦସ୍ୟ, ବରିଷ୍ଠ ନାଗରିକ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ

ନୂଆପଡ଼ା, ୧୩/୨ (ନି.ପ୍ର): ନୂଆପଡା ଜିଲ୍ଲା ସଶକ୍ତିକରଣ କେନ୍ଦ୍ର ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ନୂଆପଡ଼ା ଆନୁକୂଲ୍ୟରେ ସ୍ଥାନୀୟ ସଦଭାବନା ସଭାଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ପାଳନ ପାଇଁ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ରଖିଥିଲେ। ଜିଲ୍ଲାପାଳ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଉଦ୍ଦେଶ୍ୟ ଓ ମହିଳାଙ୍କ ଅଧିକାର ସୁରକ୍ଷାରେ ପ୍ରଶାସନ ଓ ସମାଜର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏବର୍ଷ ପ୍ରଥମଥର ପାଇଁ ସମସ୍ତ ଆଶା, ଅଙ୍ଗନୱାଡ଼ି କର୍ମୀ, ଗ୍ରାମ୍ୟ ସ୍ତର କର୍ମଚାରୀ, ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ସାମିଲ କରି ସମସ୍ତ ଗ୍ରାମ, ପଂଚାୟତ, ବ୍ଲକ୍ ଓ ଏନ୍ ଏ ସି ସ୍ତରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଜିଲ୍ଲାସ୍ତରରେ ଉପ-ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ସାମାଜିକ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ମହିଳାମାନଙ୍କୁ ଚୟନ କରି ଆସନ୍ତା ୮ ମାର୍ଚ୍ଚ ତାରିଖରେ ଜିଲ୍ଲା ସ୍ତରୀୟ ସମାରୋହରେ ସେମାନଙ୍କୁ ସମ୍ମାନିତ କରିବାକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମହିଳାମାନଙ୍କ ମଧ୍ୟରେ କ୍ରୀଡ଼ାସଚେତନତା ବୃଦ୍ଧି ପାଇଁ ମହିଳା ଡବଲ୍ସ ବ୍ୟାଡମିଂଟନ ପ୍ରତିଯୋଗିତା ଆୟୋଜନ କରିବାକୁ ଜିଲ୍ଲାପାଳ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଶନ ଶକ୍ତି ବିଭାଗ ପକ୍ଷରୁ ସମସ୍ତ ଏସଏଚଜି ମହିଳାମାନଙ୍କୁ ସମ୍ମିଳିତ କରି ୱାର୍ଡ ଓ ଗ୍ରାମ ପଂଚାୟତ ସ୍ତରରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାକୁ ଓ ଏନଏସି ଅଂଚଳର ସମସ୍ତ ୱାର୍ଡରେ ଏହିପରି କାର୍ଯ୍ୟକ୍ରମ କରାଯିବାକୁ ଏନଏସି ନିର୍ବାହୀ ଅଧିକାରୀମାନଙ୍କୁ ଅନୁରୋଧ କରାଯାଇଥିଲା। କର୍ମଶାଳାରେ ଜେନେରାଲ ମ୍ୟାନେଜର, ଡିଆଇସି ସମୀର ମୁଦୁଲି , ଜିଲ୍ଲା ସଂଯୋଜକ, ମିଶନ ଶକ୍ତି ସୁନିଲ କୁମାର ମଲ୍ଲିକ, ଏଲଡିଏମ୍ ହରିଶଙ୍କର ନିଆଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା,ପୂର୍ବତନ ଏଲଡିଏମ୍ ସୀତାରାମ ମେହେର ଓ ୟାର ଏନଜିଓ ସଚିବ ମହେନ୍ଦ୍ର ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ମହିଳା ଓ କନ୍ୟାମାନଙ୍କ ଅଧିକାର, ଡିଜିଟାଲ କୌଶଳ, ମହିଳା ଉଦ୍ୟୋଗୀମାନଙ୍କ ପାଇଁ ବଜାର ସୁଯୋଗ, ଆର୍ଥିକ ସାକ୍ଷରତା ଓ ଅନ୍ତର୍ଜାତୀୟ ମହିଳା ଦିବସର ଗୁରୁତ୍ୱ ସମ୍ପର୍କରେ ଅଂଶଗ୍ରହଣ କାରୀମାନଙ୍କୁ ଅବଗତ କରାଇଥିଲେ। ଏହି କର୍ମଶାଳାରେ ବିଭିନ୍ନ ଏନଜିଓର ପ୍ରତିନିଧି, ପ୍ରୋଟେକ୍ସନ ଅଫିସର, ଏନଏସି କମ୍ୟୁନିଟି ଅର୍ଗାନାଇଜର, ବିଭିନ୍ନ ଏସଏଚଜିର ସଦସ୍ୟାମାନେ ଓ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସାଡରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହିଳା ସଶକ୍ତିକରଣ କେନ୍ଦ୍ରର ଜିଲ୍ଲା ମିଶନ ସଂଯୋଜକ ଆଶିଷ ରଞ୍ଜନ ଖମାରୀ, ନାରଦ ଛତର, ସଞ୍ଜୟ ବନ୍ଧିଛୋର, ଇପ୍ସିତା ରାଜପୁତ, ରମାକାନ୍ତ ସେଠୀ, ଦେଶରାମ ହରିଜନ, ରାକେଶ ନାଗ,ସୁମିତ ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ସୁରକ୍ଷା ଅଧିକାରୀ ମଞ୍ଜୁଲତା ଶୁକ୍ଲା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଡିଏଭିରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଜୟନ୍ତୀ ପାଳିତ

ଝାରସୁଗୁଡ଼ା, ୧୩/୨ (ନି.ପ୍ର): ଡିଏଭି ଆନ୍ଦୋଳନର ମହାନ କର୍ଣ୍ଣଧାର, ବୈଦିକ ଜାଗରଣର ବିଶ୍ୱକର୍ମା, ଡିଏଭି ସଂସ୍ଥାପକ ତଥା ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୩ ତମ ଜନ୍ମ ଜୟନ୍ତୀ ଡିଏଭି ପବ୍ଲିକ ସ୍କୁଲ ଝାରସୁଗୁଡ଼ା ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଦୟାନନ୍ଦ ଜୟନ୍ତୀ ପାଳନ ଅବସରରେ ସ୍ୱାମୀ ଦୟାନନ୍ଦଙ୍କ ଫଟୋ ଫଳକରେ ମାଲ୍ୟାର୍ପଣ କରାଯିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଢେଙ୍କାନାଳ ସରାଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରୁ ଅବସରପ୍ରାପ୍ତ ପ୍ରଫେସର ତଥା ନିମାପଡ଼ା ଡିଏଭି ପରିଚାଳନା ସମିତି ସଭ୍ୟ ଡଃ. ମନୋଜ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦାନପୂର୍ବକ ବିଶ୍ୱଶାନ୍ତି ଓ ବିଶ୍ୱ କଲ୍ୟାଣ ନିମନ୍ତେ ଆୟୋଜିତ ହୋମଯଜ୍ଞରେ ସାମିଲ ହୋଇଥିଲେ। ଅଧ୍ୟକ୍ଷ ଶ୍ରୀ ଦେବତା ସ୍ୱାଗତ ଭାଷଣରେ ଭାରତର ନବଜାଗରଣ ଯୁଗର ପ୍ରମୁଖ ଦାର୍ଶନିକ, ସମାଜସଂସ୍କାରକ ତଥା ବେଦ ପ୍ରଚାରକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଭାରତୀୟ ସଂସ୍କୃତି ପ୍ରତି ଅବଦାନ, ବୈଦିକ ସତ୍ୟତା, ନୈତିକ ମୂଲ୍ୟବୋଧ, ଆଧୁନିକ ବିଜ୍ଞାନମୂଳକ ଶିକ୍ଷା, ରାଷ୍ଟ୍ରୀୟ ଚିନ୍ତାଧାରା, 'ବେଦକୁ ଫେରିବା' ସନ୍ଦେଶ, ଡିଏଭି ଶିକ୍ଷା ଆନ୍ଦୋଳନ, ଆଧୁନିକ ବିଜ୍ଞାନମୂଳକ ଶିକ୍ଷା ସହ ବେଦିକ ନୈତିକତା, ସ୍ୱାମୀଜୀଙ୍କ ଚିନ୍ତାଧାରାରୁ ପ୍ରେରଣା, 'ବେଦକୁ ଫେରିବା' ର ସନ୍ଦେଶ, ନାରୀ-ଶିକ୍ଷା ସମାନତା, ପ୍ରକୃତି ଉପାସନା, ମୂର୍ତୀ ପୂଜା ବିରୋଧୀ ନୀତି, ଅନ୍ଧବିଶ୍ୱାସ ବିରୋଧୀ ନୀତି ଏବଂ ସର୍ବୋପରି ସାମାଜିକ କୁସଂସ୍କାର ବିରୋଧୀ ସଂଗ୍ରାମ ସନ୍ଦର୍ଭରେ ଆଲୋକପାତ କରିଥିଲେ। ଶିକ୍ଷକ ପଦ୍ମାସନ ସାହୁ ଦୟାନନ୍ଦଙ୍କ ଜୀବନ ଚରିତ ପାଠ କରିଥିଲେ। ଅଲେଖ ବିହାରୀ ସାହୁ, ନୀଳିମା ପଟେଲ, ଏସ.କେ. ସିରାଜୁଦ୍ଦିନ, ପବିତ୍ର ମୋହନ କବି, ନିତ୍ୟାନନ୍ଦ ସାହୁ, ପ୍ରମୋଦ ନାଥ, ସରିତା ମିଶ୍ର, ମୋନିକା ଶ୍ରୀବାସ୍ତବ, ଅନାମିକା ରାନୀ, ସୁକନ୍ୟା ମହାପାତ୍ର, ମନିଷା ଚାନ୍ଦ, ସୁନନ୍ଦା ପ୍ରହରାଜ, ଅଙ୍କିତା ସାହୁ, ସ୍ମିତା ସାହୁ ପ୍ରମୁଖ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସି.ଏମ୍. ଟ୍ରଫି ଭଲିବଲ, ଖୋ-ଖୋ ଓ ଫୁଟବଲ ପାଇଁ ୧୪ ବର୍ଷରୁ କମ୍ ବାଳକ-ବାଳିକାଙ୍କ ଚୟନ ପ୍ରକ୍ରିୟା

ନୂଆପଡ଼ା, ୧୩/୨ (ନି.ପ୍ର): ନୂଆପଡ଼ା ଜିଲ୍ଲାରେ ଆସନ୍ତା ଫେବ୍ରୁୟାରୀ ୧୩ ଓ ୧୭ ତାରିଖରେ ଜିଲ୍ଲା ସ୍ତରୀୟ ସି.ଏମ. ଟ୍ରଫି ଭଲିବଲ, ଖୋ-ଖୋ ଓ ଫୁଟବଲ ପାଇଁ ୧୪ ବର୍ଷରୁ କମ୍ ବାଳକ ଓ ବାଳିକାଙ୍କ ଚୟନ ପ୍ରକ୍ରିୟା ଆୟୋଜିତ ହେବ। ଏହି ସଂକ୍ରାନ୍ତରେ ସ୍ଥାନୀୟ ଇନଡୋର ଷ୍ଟାଡିୟମଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ଖେଳ ଶିକ୍ଷକ ଓ ବରିଷ୍ଠ ଖେଳାଳୀମାନଙ୍କ ସହ ଏକ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତି ହୋଇଥିଲା ଯେ, ଫେବ୍ରୁୟାରୀ ୧୩ ତାରିଖରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ସି.ଏମ. ଟ୍ରଫି ଭଲିବଲ ଓ ଖୋ-ଖୋ ପାଇଁ ଜିଲ୍ଲା ସ୍ତରୀୟ ଦଳ ଗଠନ ନିମନ୍ତେ ଚୟନ ପ୍ରକ୍ରିୟା ଆୟୋଜିତ ହେବ। ଚୟନ ପ୍ରକ୍ରିୟା ସକାଳ ୭.୩୦ ମିନିଟରୁ ସନ୍ଧ୍ୟା ୭.୩୦ ମିନିଟ ପର୍ଯ୍ୟନ୍ତ ଚାଲିବ। ସେହିପରି ୧୭ ତାରିଖରେ ଜିତାମିତ୍ର ଉଚ୍ଚ ବିଦ୍ୟାଳୟରେ ସି.ଏମ. ଟ୍ରଫି ଫୁଟବଲ ପାଇଁ ଚୟନ ପ୍ରକ୍ରିୟା ସକାଳ ୭.୩୦ ମିନିଟରୁ ୧୧.୩୦ ମିନିଟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ କେବଳ ପୂର୍ବରୁ ପଞ୍ଜୀକରଣ କରିଥିବା ବାଳକ ଓ ବାଳିକା ଖେଳାଳୀ ମାନେ ଅଂଶଗ୍ରହଣ କରିପାରିବେ। ଯେଉଁ ଖେଳାଳୀମାନେ ୧୪ ବର୍ଷରୁ କମ୍ ବୟସର ହୋଇଥିବା ସତ୍ତ୍ୱେ ଅନଲାଇନ୍ ଆବେଦନ କରିପାରିନାହାନ୍ତି, ସେମାନେ ଉକ୍ତ ଦିନ ନିଜର ଆଧାର କାର୍ଡ, ଜନ୍ମ ପ୍ରମାଣପତ୍ର ଓ ଦୁଇଟି ପାସପୋର୍ଟ ସାଇଜ ଫଟୋ ସହ ଉପସ୍ଥିତ ହୋଇ ସେଠାରେ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ଭାଗନେଇପାରିବେ। ଏହି ଚୟନ ପ୍ରକ୍ରିୟା ପାଇଁ କୌଣସି ଯାତ୍ରା ଭତା କିମ୍ବା ଅନ୍ୟାନ୍ୟ ଖର୍ଚ୍ଚର ବ୍ୟବସ୍ଥା ନାହିଁ। ସମସ୍ତ ଖେଳାଳୀମାନଙ୍କୁ ଅନୁରୋଧ ଯେ, ସେମାନେ ନିର୍ଦ୍ଦିଷ୍ଟ ସମୟରେ ପହଂଚି ଆବଶ୍ୟକ ଦସ୍ତାବେଜ ଦାଖଲ କରି ଚୟନ ପ୍ରକ୍ରିୟାରେ ଭାଗ ନେବେ।

## କିନ୍ନର ଅଞ୍ଜଳିଙ୍କ ପାଇଁ ସିଂହଦ୍ୱାରରେ ଦୀପଦାନ

ପୁରୀ, ୧୩/୨ (ନି.ପ୍ର): ଓଡ଼ିଶା କିନ୍ନର ଆଖଡା ଓ ପୁରୀ ଜିଲ୍ଲା କିନ୍ନର ସଂଘ ମିଳିତ ଆନୁକୂଲ୍ୟରେ ପିପିଲିର କିନ୍ନର ଅଞ୍ଜଳିଙ୍କ ମୃତ୍ୟୁର ୧୨ ଦିନରେ ତା'ର ଆତ୍ମାର ସଦଗତି ନିମନ୍ତେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରିଛନ୍ତି । ଏହି ଘଟଣାରେ ଉପଯୁକ୍ତ କ୍ଷତିପୂରଣ ସହାୟତା ଯୋଗାଇ ଦେବା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଅଭିଯୁକ୍ତକୁ କଠୋର ଦଣ୍ଡ ଦିଆଯାଉ। ଭୁବନେଶ୍ୱର ପୀଠାଧିଶ୍ୱର ମେଘନା ମା, ଶ୍ରୀମହନ୍ତ ପ୍ରିୟାଂଶୀ ଦାସ, ଦେବକୀ ମା, ପିହୁ, କବିତା, ପୂଜା, ଗୌରୀ, ରିମଝିମ, ଆରୋହୀ, କୁଇନଙ୍କ ସମେତ ଶତାଧିକ କିନ୍ନର ଏକତ୍ରିତ ବସି ଦୀପ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥ ତା'ର ଆତ୍ମାକୁ ଶାନ୍ତି ଦେବା ସହ ତା'ର ପରିବାରବର୍ଗଙ୍କୁ ସହାୟ ହୁଅନ୍ତୁ ବୋଲି କାମନା କରିଥିଲେ।

# ବରିଷ୍ଠ ନାଗରିକଙ୍କ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ନୂଆପଡା, ୧୩/୨ (ନି.ପ୍ର): ନୂଆପଡ଼ା ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ସଚେତନତା ଶିବିର ଆୟୋଜନ ସମ୍ବନ୍ଧୀୟ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ରମ ସମସ୍ତଙ୍କୁ ସ୍ୱାଗତ କରି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଲୋଚନା ଅନୁସାରେ ଆସନ୍ତା ଫେବୃଆରୀ ୨୦ ତାରିଖରେ ନୂଆପଡା ସ୍ଥିତ ପଥ ପ୍ରାନ୍ତ ସୁବିଧା କେନ୍ଦ୍ରରେ ଜିଲ୍ଲା ସ୍ତରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଅବସରରେ ସେମାନଙ୍କ ପାଇଁ ଯୋଗ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ସ୍ୱାସ୍ଥ୍ୟ କାର୍ଡ ମଧ ବଂଟନ କରାଯିବ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ନାଗରିକ ମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ପ୍ରସ୍ତାବ ସମ୍ପର୍କରେ ଅବଗତ ହୋଇଥିଲେ। ଜିଲ୍ଲାପାଳ ବରିଷ୍ଠ ନାଗରିକମାନଙ୍କୁ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଓ ସ୍ୱନିୟନ୍ତ୍ରିତ ଜୀବନ ଶୈଳୀ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି, ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ପ୍ରଦାନ ସମସ୍ୟା ସମ୍ପର୍କରେ ମଧ ଜିଲ୍ଲାପାଳ ଗୁରୁତ୍ୱ ଦେବା ସହ ଏହାକୁ ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହ ଆଲୋଚନା କରିବେ ବୋଲି ଆଶ୍ୱାସନା ଦେଇଥିଲେ। ଜିଲ୍ଲା ସ୍ତରରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିବା ଲକ୍ଷ୍ୟ ରହିଛି। କାର୍ଯ୍ୟଯୋଜନା ଅନୁଯାୟୀ ପ୍ରଶିକ୍ଷିତ ଯୋଗ ଶିକ୍ଷକଙ୍କ ଦ୍ୱାରା ପ୍ରାତଃ ଯୋଗାଭ୍ୟାସ ଆୟୋଜନ କରାଯିବ। ଏହାସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ ନର୍ସମାନଙ୍କ ଦ୍ୱାରା ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ଓ ନିଦାନ ଶିବିର ଆୟୋଜିତ ହେବ। ଜିଲ୍ଲାପାଳ ଏହି ଶିବିରରେ କିଡନୀ ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ, ଚକ୍ଷୁ , ଦାନ୍ତ ବିଶେଷଜ୍ଞ ମାନଙ୍କୁ ନିୟୋଜିତ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ଡିଜିଟାଲ ସାକ୍ଷରତା ବିଷୟରେ ସାଇବର ଠକେଇ, ଡିଜିଟାଲ ଗିରଫ ଓ ଅନ୍ୟାନ୍ୟ ଅନଲାଇନ୍ ସମସ୍ୟା ସମ୍ପର୍କରେ ପୋଲିସ୍ ପ୍ରଶାସନ, ସାଇବର ବିଶେଷଜ୍ଞ ଓ ଜିଲ୍ଲା ଇ-ଗଭର୍ନାନ୍ସ ମ୍ୟାନେଜରଙ୍କ ଦ୍ୱାରା ଅବଗତ କରାଯିବ। ଏହାଛଡ଼ା ବ୍ୟାଙ୍କ ଓ ବୀମା ବିଭାଗ ଅଧିକାରୀମାନଙ୍କ ଦ୍ୱାରା ନିବେଶ, ଆୟକର ରିଟର୍ନ, ସ୍ୱାସ୍ଥ୍ୟ ବୀମା ଓ ଅବସର ଲାଭ ସମ୍ପର୍କରେ ଆର୍ଥିକ ସାକ୍ଷରତା ବିଷୟରେ ସଚେତନତା ସଭା ହେବ। ତଦୁପରି 'ମେଂଟେନାନ୍ସ ଏଣ୍ଡ ୱେଲଫେର ଅଫ ପ୍ୟାରେଂଟସ୍ ଏଣ୍ଡ ସିନିୟର ସିଟିଜେନ୍ସ ଆକ୍ଟ, ୨୦୦୭' ସହିତ ଅନ୍ୟାନ୍ୟ ଆଇନଗତ ସହାୟତା ସମ୍ପର୍କରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ପୋଲିସ୍ ପ୍ରଶାସନ ପକ୍ଷରୁ ଅବଗତ କରାଯିବ। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଦ୍ୱାରିକାନାଥ ଶତପଥୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ଡିଇଜିଏମ୍ ବୀରେନ୍ଦ୍ର ସିଂ ଦଣ୍ଡସେନା, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ବରିଷ୍ଠ ନାଗରିକ ସଂଘର ସଭାପତି ଓ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା ଉଦ୍ଯାପିତ

ଭୁବନେଶ୍ୱର,୧୩ ଫେବୃୟାରୀ (ହି.ସ) - ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳା ଶୁକ୍ରବାର ଉଦଯାପିତ ହୋଇଯାଇଛି । ଶିରିପୁରସ୍ଥିତି ଇମେଜ୍ ଠାରେ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୨୪୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଉଦଯାପନୀ ଅଧିବେଶନରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ବିନିତା ସେନାପତି, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ୍. ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଶ୍ରୀ ମହାପାତ୍ର କହିଥିଲେ ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ଶିକ୍ଷକମାନଙ୍କୁ ମଧ ନୂତନ ଜ୍ଞାନକୌଶଳର ଶିଖିବାର ଆବଶ୍ୟକତା ରହିଛି । ଏହି ଦିଗଦର୍ଶନରୁ ଯାହା ଶିକ୍ଷାଗ୍ରହଣ କରିବେ, ତାହା ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ କରିବାରେ ବ୍ୟବହାର କରିବେ ବୋଲି ମତ ରଖିଛନ୍ତି ।
ସୂଚନାଯୋଗ୍ୟ, ପିଜିଟି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ ଦିଗଦର୍ଶନ କର୍ମଶାଳା ଦୁଇଟି ପର୍ଯ୍ୟାୟରେ ଆୟୋଜନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୩ ରୁ ଫେବୃଆରୀ ୭ ତାରିଖ ଯାଏଁ ଅନୁଷ୍ଠିତ ହୋଇଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ଫେବୃଆରୀ ୯ ତାରିଖରୁ ଫେବୃଆରୀ ୧୩ ତାରିଖ ଯାଏଁ ଅନୁଷ୍ଠିତ ହୋଇଥିଲା । କର୍ମଶାଳାରେ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସ୍ଥାନୀୟ ପରିଦର୍ଶନ ନିମନ୍ତେ କଳାଭୂମୀ ନିଆଯାଇଥିବା ବେଳେ ବିଭିନ୍ନ ପ୍ରକାର ଆକ୍ଟିଭିଟି କରାଯାଇଥିଲା ଏବଂ ଶେଷରେ ଶ୍ରେଷ୍ଠ ଆକ୍ଟିଭିଟି ପ୍ରଦର୍ଶନ ଟିମ୍ କୁ ପୁରସ୍କୃତ କରାଯାଇଥିଲା । ଏଥି ସହ ଧନ୍ଦାମୂଳକ ଶିକ୍ଷକଶିକ୍ଷୟିତ୍ରୀ ଓ ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ବାବଦରେ ଦୁଇଟି ତଥ୍ୟସମ୍ବଳିତ ପୁସ୍ତକ ଉନ୍ମୋଚିତ କରାଯାଇଥିଲା ।




କିଛି ଜିନିଷ ଅଛି ଯାହା ଆମ ରୋଷେଇରେ ଖାଇବାକୁ ସ୍ୱାଦିଷ୍ଟ କରିବା ସହ ଆମ ସ୍ୱାସ୍ଥ୍ୟ ମଧ୍ୟ ଭଲ ରଖିଥାଏ ସେଥିମଧ୍ୟରୁ ଭୃଶଙ୍ଗ ପତ୍ର ହେଉଛି ଅନ୍ୟତମ । ରୋଷେଇ ଘରେ ଅନେକ ପତ୍ର ବହୁଳ ଭାବରେ ବ୍ୟବହୃତ ହୁଏ । ଭୃସଙ୍ଗ ପତ୍ରର ବୈଜ୍ଞାନିକ ନାମ ମୁରାୟା କୋଏନିଗି । ଯାହାକୁ ଭୃସଙ୍ଗ ପତ୍ର ଏବଂ ମିଠା ନିମ ଭଳି ନାମରେ ମଧ୍ୟ ଜଣାଶୁଣା । ଇଂରାଜୀରେ ଏହାକୁ କରୀ ପତ୍ର ମଧ୍ୟ କୁହାଯାଏ । ଏଥିରେ ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଫସଫରସ୍, ଲୁହା, ତମ୍ବା ଏବଂ ଭିଟାମିନ୍ ଭଳି ଅନେକ ଗୁଣ ରହିଛି । ଯାହା ଶରୀରକୁ ଅନେକ ଲାଭ ଯୋଗାଇବାରେ ସହାୟକ । ଯଦି ଆପଣ ଭୃସଙ୍ଗ ପତ୍ରକୁ ପାଣିରେ ଫୁଟାଇ ପ୍ରତିଦିନ ସକାଳେ ଖାଲି ପେଟରେ ପିଅନ୍ତି, ତେବେ ଆପଣ ଶରୀରକୁ ଅନେକ ସମସ୍ୟାରୁ ରକ୍ଷା କରିପାରିବେ । ତେଣୁ ବିଳମ୍ବ ନକରି ଆସନ୍ତୁ ଜାଣିବା କେଉଁମାନେ ଏହାକୁ ସେବନ କରିବା ଉଚିତ ।

***ମଧୁମେହ :*** ଭୃସଙ୍ଗ ପତ୍ରରେ ହାଇପୋଗ୍ଲାଇସେମିକ୍ ଗୁଣ ଥାଏ । ଯାହା ରକ୍ତରେ ଶର୍କରା ସ୍ତର କମ କରିବାରେ ସାହାଯ୍ୟ କରେ । ଭୃସଙ୍ଗ ପତ୍ର ପାଣି ପିଇବା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ହୋଇପାରେ ।

***ପାଚନ :*** ଯେଉଁମାନଙ୍କର ପାଚନ ସମସ୍ୟା ଅଛି ସେମାନଙ୍କ ପାଇଁ ଭୃସଙ୍ଗ ପତ୍ର ପାଣି ପିଇବା ବହୁତ ଲାଭଦାୟକ ହୋଇପାରେ ।

***ଚର୍ମ :*** ଭୃସଙ୍ଗ ପତ୍ର ପାଣି ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ହୋଇଥିବାରୁ, ଏହା ତ୍ୱଚାକୁ ମୁକ୍ତ ରାଡିକାଲ୍ସ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିପାରିବ ।

***ହୃଦୟ :*** ଭୃସଙ୍ଗ ପତ୍ର ପାଣି ସୁସ୍ଥ ହୃଦୟ ବଜାୟ ରଖିବାରେ ସାହାଯ୍ୟ କରିପାରେ । ଏହା ସହିତ, ଏହା ହୃଦୟ ସମ୍ବନ୍ଧୀୟ ସମସ୍ୟାର ଆଶଙ୍କାକୁ ହ୍ରାସ କରିପାରେ ।

***ଭୃସଙ୍ଗ ପତ୍ର ପାଣି କିପରି ତିଆରି କରିବେ:***

ଭୃସଙ୍ଗ ପତ୍ର ପାଣି ତିଆରି କରିବା ପାଇଁ, ପ୍ରଥମେ ତାଜା ଭୃସଙ୍ଗ ପତ୍ରକୁ ଭଲ ଭାବରେ ଧୋଇ ଦିଅନ୍ତୁ । ତାପରେ, ଏକ ପ୍ୟାନରେ ଏକ ଗ୍ଲାସ ପାଣି ଢାଳନ୍ତୁ, ୫-୬ ଟି ଭୃସଙ୍ଗ ପତ୍ର ପକାଇ ଫୁଟାନ୍ତୁ । କିଛି ମିନିଟ୍ ପରେ, ଏହାକୁ ଛାଣି ଚା ପରି ପିଅନ୍ତୁ ।

# ରୋଗିଣା କରିଦେବ ମୋବାଇଲ୍ ନୋଟିଫିକେସନ୍: ସକାଳୁ ଉଠୁ ଉଠୁ ଓ ରାତିରେ ଶୋଇବା ପୂର୍ବରୁ ମୋବାଇଲ୍ ଦେଖୁଥିଲେ ସାବଧାନ

ମୋବାଇଲ୍ ଫୋନ୍ ଆମ ସମସ୍ତଙ୍କ ଜୀବନରେ ଏକ ଜରୁରୀ ସାମଗ୍ରୀ ପାଲଟିଗଲାଣି । ସକାଳୁ ଉଠିବା ଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ଆମେ ମୋବାଇଲ ଫୋନ୍ ବ୍ୟବହାର କରିଥାଉ । ଫୋନର ଅତ୍ୟଧିକ ବ୍ୟବହାର ଜୀବନଶୈଳୀ ଉପରେ ନକାରାତ୍ମକ ପ୍ରଭାବ ପକାଉଛି । ଶୋଇବା ସମୟରେ କିମ୍ବା ସକାଳୁ ଉଠିବା ସମୟରେ ମୋବାଇଲ୍ ଧରିବା ଅଭ୍ୟାସ ଆମ ଶରୀର ପ୍ରତି କ୍ଷତିକାରକ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ତେବେ ଆପଣମାନେ ଜାଣି ରଖିବା ଉଚିତ କି କେବଳ ଫୋନ୍ ନୁହେଁ, ଏଥିରେ ଆସୁଥିବା ନୋଟିଫିକେସନ୍ ମଧ୍ୟ ଆପଣଙ୍କୁ ଅସୁସ୍ଥ କରିପାରେ । ଆସନ୍ତୁ ଜାଣିବା ଏହାର ପାର୍ଶ୍ୱ ପ୍ରତିକ୍ରିୟା...

୧. ସକାଳୁ ଉଠିବା ମାତ୍ରେ ହାତରେ ଫୋନ ଧରିବା ଚିନ୍ତାର କାରଣ ହୋଇପାରେ । ଏହା ମଣିଷକୁ ଉଚ୍ଚ ରକ୍ତଚାପର ଶିକାର କରିପାରେ ।

୨. ବାରମ୍ବାର ମୋବାଇଲ୍ ସ୍କ୍ରିନ୍ ଦେଖିବା ଦ୍ୱାରା ଚିନ୍ତା ବଢ଼ିଥାଏ । ଏତଦ ଦ୍ୱାରା ଶରୀରର ଶକ୍ତି ହ୍ରାସ ପାଏ । କ୍ଲାନ୍ତ ଏବଂ ଆଳସ୍ୟ ଅନୁଭବ ହୋଇଥାଏ ।

୩. ସକାଳୁ ଉଠିବା ମାତ୍ରେ ଇମେଲ୍ କିମ୍ବା ବିଜ୍ଞପ୍ତି ଦେଖିବା ଦ୍ୱାରା ଆପଣଙ୍କୁ କିଛି ଜିନିଷ ବିଷୟରେ ଚିନ୍ତିତ କରିପାରେ, ଯାହା ଆପଣଙ୍କ ହୃଦୟ ଏବଂ ମନକୁ ଅସ୍ଥିର କରିପାରେ ।

୪. ଯଦି ଆପଣଙ୍କ ମୋବାଇଲରେ ସକାଳୁ ସକାଳୁ ବହୁତ ନୋଟିଫିକେସନ୍, ମେସେଜ୍, ଇମେଲ୍, ଫେସବୁକ୍, ହ୍ୱାଟ୍ସଆପ୍, ଇନଷ୍ଟାଗ୍ରାମ୍ ଆସିଥାଏ, ତେବେ ଏହା ଆପଣଙ୍କ ଚିନ୍ତା କରିବା ଏବଂ ବୁଝିବାର ଶକ୍ତିକୁ ଛଡ଼ାଇ ନେଇପାରେ ।

୫. ଫୋନ୍ ଏବଂ ସୋସିଆଲ ମିଡିଆରେ ବାରମ୍ବାର ନୋଟିଫିକେସନ ଆସିବା ଯୋଗୁଁ ମଣିଷ ଚିଡ଼ଚିଡ଼ା ସ୍ୱଭାବର ହୋଇପାରେ । ଏହା ଆପଣଙ୍କ ମନୋଭାବ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ।




ଜନ୍ମଦିନ ହେଉ କି ବିବାହ ବାର୍ଷିକୀ ଆମେ ପ୍ରତିଟି ସେଲିବ୍ରେସନର ମୁହୂର୍ତ୍ତରେ କେକ୍ କାଟିବାକୁ ପସନ୍ଦ କରୁ । ଏପରି କୌଣସି ବ୍ୟକ୍ତିବିଶେଷ ନାହାନ୍ତି ଯାହାଙ୍କୁ କେକ୍ ଖାଇବାକୁ ଭଲ ନ ଲାଗେ । ଆଜିକାଲି ବଜାରରେ ଅନେକ ଭେରାଇଟିର କେକ୍ ମିଳୁଛି ଯେମିତିକି ରଙ୍ଗୀନ କେକ୍ , ଆଇସ୍ କେକ୍ ଏବଂ କଷ୍ଟମାଇଜ୍ କେକ୍ । ନିଜ ପସନ୍ଦ ଅନୁସାରେ ଗ୍ରାହକ ଏହି କେକ୍ ସବୁକୁ କିଣି ନିଅନ୍ତି । କିନ୍ତୁ ନିକଟରେ ଏହି ରଙ୍ଗବେରଙ୍ଗର କେକ୍ ବିଷୟରେ ଏକ ଚକିତ କରିଦେଲା ଭଳି ରିପୋର୍ଟ ସାମ୍ନାକୁ ଆସିଥିଲା । କର୍ଣ୍ଣାଟକ ସରକାରଙ୍କ ଖାଦ୍ୟ ମନ୍ତ୍ରଣାଳୟର ଏକ ରିପୋର୍ଟ ଅନୁସାରେ , ୨୩୫ ଟି କେକ୍ ନମୁନାରୁ ୧୨ ଟି ନମୁନାରେ କ୍ଷତିକାରକ ରାସାୟନିକ ପଦାର୍ଥ ଚିହ୍ନଟ କରାଯାଇଥିଲା । ଯାହା କର୍କଟ ରୋଗର କାରଣ ହୋଇଥାଏ । ଏହି ୧୨ ଟି ନମୁନାରୁ ଅଲ୍ଲୁରା ରେଡ୍ , ସନସେଟ୍ ୟେଲୋ ଏଫସିଏଫ୍ , ପୋନସ୍ୱେଉ ୪ ଆର୍ , ଟାର୍ଟ୍ରାଜିନ୍ ଏବଂ କାର୍ମୋଏସିନ୍ ଭଳି କୃତ୍ରିମ ରଙ୍ଗ ମିଳିଥିଲା । ଦୁର୍ଭାଗ୍ୟର କଥା ହେଉଛି ଏହି ରାସାୟନିକ ପଦାର୍ଥ ସବୁ କେକରେ ଥିବା ସହ ଏହାର ମାତ୍ରା ମଧ୍ୟ ଅଧିକ ପଡ଼ିଥିଲା । ପ୍ୟାକେଟ୍ କେକ୍ ଏବଂ ବେକ୍ ହୋଇଥିବା କେକରେ ଟ୍ରାନ୍ସ ଫ୍ୟାଟ୍ ବ୍ୟବହାର କରାଯାଏ । ଯାହା ସୁସ୍ଥ ଶରୀର ପାଇଁ ସ୍ଲୋ ପଏଜନ୍ ସଦୃଶ । ଟ୍ରାନ୍ସ ଫ୍ୟାଟ୍ ଶରୀରରେ ହୃଦରୋଗ ଏବଂ କର୍କଟ ରୋଗର ଆଶଙ୍କା ବଢ଼ାଇଥାଏ । ଏଭଳି କଲରଫୁଲ୍ କେକ୍ ଖାଇବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହୁଏ । ବଜାରରେ ମିଳୁଥିବା ଅଧିକାଂଶ କେକରେ କୃତ୍ରିମ ରଙ୍ଗ ଏବଂ ଫ୍ଲେଭର୍ ବ୍ୟବହାର କରାଯାଏ । ଯେତେବେଳେ ଦୀର୍ଘ ସମୟ ଧରି ରଙ୍ଗୀନ କେକ୍ ସେବନ କରାଯାଏ, ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼େ ଏବଂ କର୍କଟ ଭଳି ଗମ୍ଭୀର ରୋଗର କାରଣ ମଧ୍ୟ ହୋଇଥାଏ । କେକ୍‌କୁ ଦୀର୍ଘ ସମୟ ଧରି ତାଜା ଏବଂ ନରମ ରଖିବା ପାଇଁ ଏଥିରେ ହାଇଡ୍ରୋଜେନେଟେଡ୍ ତେଲ ବ୍ୟବହାର କରାଯାଏ, ଯାହା ଶରୀରରେ ଟ୍ରାନ୍ସ-ଫ୍ୟାଟ୍ସର ସ୍ତର ବଢ଼ାଏ । ହାଇଡ୍ରୋଜେନେଟେଡ୍ ତେଲର ବ୍ୟବହାର ଶରୀରରେ ଫୁଲା ସମସ୍ୟା ସୃଷ୍ଟି କରିପାରେ । ଏହା ହୃଦୟ ପାଇଁ ମଧ୍ୟ ବିପଜ୍ଜନକ ହୋଇଥାଏ । ଏଭଳି କେକରେ ଚିନିର ମାତ୍ରା ମଧ୍ୟ ଅଧିକ ଥାଏ । ଯାହାର ଅଧିକ ସେବନ କରିବା ଦ୍ୱାରା ମୋଟାପଣ, ମଧୁମେହ ଏବଂ ହୃଦରୋଗର ଆଶଙ୍କା ବଢ଼ିଯାଏ । ଅଧିକାଂଶ କେକରେ ସିନ୍‌ଥେଟିକ୍ ରଙ୍ଗ ବ୍ୟବହାର କରାଯାଏ, ଯାହା ପାଚନ ତନ୍ତ୍ରକୁ କ୍ଷତି ପହଞ୍ଚାଏ । ଏହି କାରଣରୁ ପେଟ ଯନ୍ତ୍ରଣା, ଗ୍ୟାସ୍, ଅଜୀର୍ଣ୍ଣ ଏବଂ ଆଲର୍ଜି ଭଳି ସମସ୍ୟା ମଧ୍ୟ ସୃଷ୍ଟି ହୁଏ । ଅନେକ ଥର ଏହି ରଙ୍ଗଗୁଡ଼ିକ ଅନ୍ତନଳୀର ପରସ୍ତକୁ ମଧ୍ୟ କ୍ଷତି ପହଞ୍ଚା'ନ୍ତି । କୃତ୍ରିମ ରଙ୍ଗ ଥିବା କେକ୍ ?ରୁ ଚର୍ମରେ ଦାଗ, କୁଣ୍ଡାଇ ହେବା, ଫୁଲିବା ଭଳି ସମସ୍ୟା ମଧ୍ୟ ଆରମ୍ଭ ହୋଇଥାଏ । ପ୍ରକୃତରେ ସନସେଟ୍ ୟେଲୋ ଏବଂ କାର୍ମୋଏସିନ୍ ରଙ୍ଗ ଆଲର୍ଜି ପ୍ରତିକ୍ରିୟାର ମୁଖ୍ୟ କାରଣ ହୋଇଥା'ନ୍ତି । ସିନ୍‌ଥେଟିକ୍ ଫୁଡ୍ କଲର୍ ଥିବା କେକ୍ ଇମ୍ୟୁନିଟି ସିଷ୍ଟମକୁ ଦୁର୍ବଳ କରେ । ଯେଉଁ କାରଣରୁ ଭାଇରାଲ୍, ବ୍ୟାକ୍ଟେରିଆଲ୍ ସଂକ୍ରମଣର ଆଶଙ୍କା ବହୁତ ବଢ଼ିଯାଏ । କିଛି ସିନ୍‌ଥେଟିକ୍ ରଙ୍ଗ ନ୍ୟୁରୋଟକ୍ସିନ୍ ଭଳି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥା'ନ୍ତି , ଯାହା ମାନସିକ ବିକାଶକୁ କମ୍ କରିଥାଏ । ଏହା ଦ୍ୱାରା ଲୋକଙ୍କର ଶିଖିବା-ବୁଝିବା କ୍ଷମତା ଦୁର୍ବଳ ହେବା ସହ ସ୍ମରଣ ଶକ୍ତି ଉପରେ ମଧ୍ୟ ଖରାପ ପ୍ରଭାବ ପଡ଼େ ।

ତଟକା ପରିବା ସମସ୍ତଙ୍କୁ ଖାଇବାର ଆବଶ୍ୟକତା ରହିଛି । ଏହା ଶରୀରରେ ଶକ୍ତି ଯୋଗାଇବାର କାମ କରେ । ଖାଲି ଶକ୍ତି ଯୋଗାଏ ନାହିଁ ଶରୀରରେ ଲୁକ୍କାୟିତ ଅନେକ ରୋଗକୁ ଧୀରେ ଧୀରେ ମାରିବାର କାମ ମଧ୍ୟ କରେ ଏହି ପରିବା ।




# ବିପି , ହୃଦରୋଗୀଙ୍କ ପାଇଁ ଭାରି ବଢ଼ିଆ ଗୁଆଁରଛୁଇଁ

ପ୍ରାୟତଃ ଲୋକ ଖାଇବା ସମୟରେ ପାଟି ସୁଆଦ ଖୋଜିଥା'ନ୍ତି । ସ୍ୱାସ୍ଥ୍ୟ ପ୍ରତି ଅହିତକର ହେଲେ ଚଳିବ କିନ୍ତୁ ପାଟିକୁ ନ ରୁଚିଲେ ଖାଇବା ଯେମିତି ତଣ୍ଟିରୁ ତଳକୁ ଯିବନି । ଆପଣ ଖାଇବା ସମୟରେ ଅନେକ ଲୋକଙ୍କୁ କହିଥିବାର ଶୁଣିଥିବେ ଯେ ଆମେ ଏ ପରିବା ଖାଉନୁ । ତଟକା ପରିବା ସମସ୍ତଙ୍କୁ ଖାଇବାର ଆବଶ୍ୟକତା ରହିଛି । ଏହା ଶରୀରରେ ଶକ୍ତି ଯୋଗାଇବାର କାମ କରେ । ଖାଲି ଶକ୍ତି ଯୋଗାଏ ନାହିଁ ଶରୀରରେ ଲୁକ୍କାୟିତ ଅନେକ ରୋଗକୁ ଧୀରେ ଧୀରେ ମାରିବାର କାମ ମଧ୍ୟ କରେ ଏହି ପରିବା । ତେବେ ଆପଣ ଜାଣିଛନ୍ତି କି ଗୁଆଁରଛୁଇଁ ମଧ୍ୟ ଦେହ ପାଇଁ ଭାରି ଭଲ । ଏହା ୮ ପ୍ରକାରର ସମସ୍ୟାକୁ ସମୂଳେ ନାଶ କରିବାର କ୍ଷମତା ରଖେ । ତେବେ ଆସନ୍ତୁ ଗୁଆଁରଛୁଇଁ ଖାଇଲେ କ'ଣ କ'ଣ ଲାଭ ମିଳେ ଜାଣିବା ।



ଗୁଆଁରଛୁଇଁରେ ଗ୍ଲାଇକୋନ୍ୟୁଟ୍ରିଏଣ୍ଟସ୍ ଥାଏ, ଯାହା ଶରୀରରେ ବ୍ଲଡ୍ ସୁଗାର୍ ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏହାକୁ ସେବନ କରିବା ଦ୍ୱାରା ବ୍ଲଡ୍ ସୁଗାର୍ ସ୍ତରରେ ଦ୍ରୁତ ପରିବର୍ତ୍ତନ ହୁଏ ନାହିଁ । ଏଥିରେ ପର୍ଯ୍ୟାପ୍ତ ପରିମାଣରେ କ୍ୟାଲସିୟମ୍ ଥାଏ, ଯାହା ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରେ । ଏହା ହାଡ଼କୁ କ୍ଷତିରୁ ମଧ୍ୟ ରକ୍ଷା କରେ । ଏଥିରେ ଥିବା ଫସଫରସ୍ ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରେ । ଗୁଆଁର ଶରୀରରେ ଖରାପ କୋଲେଷ୍ଟ୍ରଲ୍ ସ୍ତରକୁ କମ୍ କରି ହୃଦୟକୁ ସୁସ୍ଥ ରଖେ । ଏହି ପରିବାରେ ଫାଇବର, ପଟାସିୟମ୍ ଏବଂ ଫୋଲେଟ୍ ର ଭରପୂର ମାତ୍ରା ଅନେକ ପ୍ରକାରର ହୃଦ୍ ରୋଗରୁ ରକ୍ଷା କରେ । ଖାଲି ଏତିକି ନୁହେଁ ଗୁଆଁରଛୁଇଁର ହାଇପୋଗ୍ଲାଇସେମିକ୍ ଏବଂ ହାଇପୋଲିପିଡେମିକ୍ ଗୁଣ ଉଚ୍ଚ ରକ୍ତଚାପରେ ପୀଡ଼ିତ ଲୋକଙ୍କ ପାଇଁ ଏକ ପ୍ରାକୃତିକ ଉପଚାର ହୋଇଥାଏ । ମଧୁମେହ ଏବଂ ହୃଦରୋଗରେ ପୀଡ଼ିତ ଥିବା ଲୋକଙ୍କୁ ଉଚ୍ଚ ରକ୍ତଚାପର ବିପଦ ଅଧିକ ଥାଏ, ଏପରି ପରିସ୍ଥିତିରେ ଗୁଆଁରଛୁଇଁ ସେବନ ଲାଭଦାୟକ ହୋଇପାରେ ।

ଏଥିରେ ଥିବା ଆଇରନ୍ ଏବଂ କ୍ୟାଲସିୟମ୍ ଗର୍ଭବତୀ ମହିଳାମାନଙ୍କ ଶରୀରରେ ଖଣିଜ ପଦାର୍ଥର ଅଭାବ ପୂରଣ କରେ । ଏହି ପରିବା ଫୋଲିକ୍ ଏସିଡରେ ଭରପୂର, ଯାହା ଭ୍ରୂଣକୁ ଅନେକ ଜଟିଳତାରୁ ରକ୍ଷା କରିପାରେ ଏବଂ ଏଥିରେ ଥିବା ଭିଟାମିନ୍ କ ହାଡ଼ ପାଇଁ ଲାଭଦାୟକ । ଜନ୍ମ ହେବାକୁ ଥିବା ଶିଶୁର ଉତ୍ତମ ବିକାଶରେ ସାହାଯ୍ୟ କରେ ଗୁଆଁରଛୁଇଁ । ଏହି ପରିବାରେ ଥିବା ଆଇରନ୍ ହିମୋଗ୍ଲୋବିନ୍ ଉତ୍ପାଦନକୁ ବଢ଼ାଏ, ଯାହା ଶରୀରରେ ରକ୍ତର ଅଭାବ ପୂରଣ କରେ । ଏଥିରେ ଫାଇଟୋକେମିକାଲ୍ସ ଥାଏ, ଯାହା ରକ୍ତରେ ଅମ୍ଳଜାନର କ୍ଷମତାକୁ ବଢ଼ାଏ ଏବଂ ରକ୍ତ ସଞ୍ଚାଳନ ଭଲ ହୁଏ । ଗୁଆଁରଛୁଇଁ ହଜମ ଶକ୍ତି ପାଇଁ ମଧ୍ୟ ଲାଭଦାୟକ । ଏହା ପେଟରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ମଧ୍ୟ ସାହାଯ୍ୟ କରେ ଏବଂ ହଜମ ସମ୍ବନ୍ଧୀୟ ସମସ୍ୟାକୁ ରୋକିଥାଏ । ଏଥିରେ ଥିବା ହାଇପୋଗ୍ଲାଇସେମିକ୍ ଗୁଣ ସ୍ନାୟୁକୁ ଆରାମ ଦେବାରେ ସାହାଯ୍ୟ କରେ ଏବଂ ଚିନ୍ତା,ମାନସିକ ଚାପକୁ କମ୍ କରି ବ୍ୟକ୍ତିକୁ ମାନସିକ ସ୍ତରରେ ଶାନ୍ତ କରିବାରେ ସାହାଯ୍ୟ କରିପାରେ ।




ଆପଣଙ୍କ ନଖରେ ଛୋଟ ଦାଗ, ଧଳା ରେଖା, କିମ୍ବା ଦୁର୍ବଳ ଦାଗ ଦେଖାଯାଉଛି କି ? ଏହି ଲକ୍ଷଣଗୁଡ଼ିକ ଆମ ସ୍ୱାସ୍ଥ୍ୟ ସହିତ ଗଭୀର ଭାବରେ ଜଡ଼ିତ । ନଖ କେବଳ ଆପଣଙ୍କ ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ନୁହେଁ, ଏହା ଆମ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି, ନଖରେ ବିଭିନ୍ନ ଦାଗ କିମ୍ବା ରେଖା କେତେକ ସମୟରେ ଭିଟାମିନ ଅଭାବ କିମ୍ବା ଏକ ଗୁରୁତର ରୋଗର ଲକ୍ଷଣ ହୋଇପାରେ ।

ନଖରେ ପ୍ରାୟତଃ ଛୋଟ ଧଳା ଦାଗ ଦେଖାଯାଏ । ଏଗୁଡ଼ିକ ପ୍ରାୟତଃ ଜିଙ୍କ୍ କିମ୍ବା କ୍ୟାଲସିୟମ୍ ଅଭାବର ଲକ୍ଷଣ ।

ଯଦି ଏହି ଦାଗଗୁଡ଼ିକ ବାରମ୍ବାର ଦେଖାଯାଏ, ତେବେ ଏହା ପୁଷ୍ଟିକର ଅଭାବକୁ ସୂଚାଇପାରେ ।

ଦୀର୍ଘ ସମୟ ଧରି ଏଗୁଡ଼ିକୁ ଅଣଦେଖା କରିବା ଦ୍ୱାରା କେଶ ଝଡ଼ିବା, ଥକ୍କାପଣ ଏବଂ ଦୁର୍ବଳ ହାଡ଼ ପରି ସମସ୍ୟା ହୋଇପାରେ ।

ନଖରେ ସିଧା ରେଖା କିମ୍ବା ଖାଲ ପ୍ରାୟତଃ ଆଇରନ ଅଭାବକୁ ସୂଚାଇଥାଏ ।

ଏହା ରକ୍ତହୀନତାର ଲକ୍ଷଣ ସହିତ ଜଡ଼ିତ ହୋଇପାରେ ।

ଯେତେବେଳେ ନଖ ହଳଦିଆ ହେବା ଆରମ୍ଭ କରେ, ଏହା କେବଳ ଫଙ୍ଗାଲ ସଂକ୍ରମଣ ନୁହେଁ ବରଂ ଭିଟାମିନ ଇ ଅଭାବ କିମ୍ବା ଶ୍ୱାସକ୍ରିୟା ସମସ୍ୟାକୁ ମଧ୍ୟ ସୂଚାଇପାରେ ।

ଧୂମପାନକାରୀଙ୍କ କ୍ଷେତ୍ରରେ ଏହି ସମସ୍ୟା ଅଧିକ ଦେଖାଯାଏ ।

ଲଗାତର ହଳଦିଆ ନଖ ଦୀର୍ଘକାଳୀନ ରୋଗର ମଧ୍ୟ ଲକ୍ଷଣ ହୋଇପାରେ ।

ଯଦି ନଖରେ ନୀଳ କିମ୍ବା କଳା ଚିହ୍ନ ଦୀର୍ଘ ସମୟ ଧରି ରହିଥାଏ, ତେବେ ଏହା ଅକ୍ସିଜେନ ଅଭାବ ଏବଂ ଖରାପ ରକ୍ତ ସଞ୍ଚାଳନକୁ ସୂଚାଇପାରେ ।

କେତେକ ସମୟରେ, ଏହା ହାର୍ଟ ସମସ୍ୟା ପାଇଁ ମଧ୍ୟ ହୋଇପାରେ ।

ଏପରି ପରିସ୍ଥିତିରେ ଆପଣଙ୍କୁ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ ।

ଯଦି ଦୀର୍ଘ ସମୟ ଧରି ଚିହ୍ନ ଲାଗି ରହେ, ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

ନଖରେ ହଠାତ୍ ଦାଗ, ରେଖା କିମ୍ବା ରଙ୍ଗ ବିବର୍ଣ୍ଣକୁ ଅଣଦେଖା କରନ୍ତୁ ନାହିଁ । ଏପରି ଲକ୍ଷଣ ଶରୀରରେ ଭିଟାମିନ ଅଭାବ ଏବଂ କିଛି ରୋଗକୁ ସୂଚାଇଥାଏ, ଯାହାକୁ ଶୀଘ୍ର ଚିହ୍ନଟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

# ଜୁନୋଟିକ୍ ରୋଗର ବିପଦ: ନିପା ସଂକ୍ରମଣରୁ ଶିକ୍ଷା

ବିଶ୍ୱ ସ୍ୱାସ୍ଥ୍ୟ ଇତିହାସରେ ସଂକ୍ରାମକ ରୋଗର ଭୟାବହତା କେବେବି ନୂଆ ନୁହେଁ, କିନ୍ତୁ ୨୦୨୬ ମସିହାରେ ନିପା ଭୂତାଣୁର ପୁନଃ ପ୍ରାଦୁର୍ଭାବ ଭାରତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏକ ଅତ୍ୟନ୍ତ ଗମ୍ଭୀର ଚେତାବନୀ ସୃଷ୍ଟି କରିଛି । ସମ୍ପ୍ରତି ପଶ୍ଚିମବଙ୍ଗରେ ନିପା ଭୂତାଣୁ ସଂକ୍ରମିତ ଜଣେ ରୋଗୀଙ୍କର ହୃଦଘାତ ବା କାର୍ଡିଆକ୍ ଆରେଷ୍ଟ ଯୋଗୁଁ ମୃତ୍ୟୁ ଘଟିବା ଘଟଣା ଏହି ବିପଦର ତୀବ୍ରତାକୁ ପୁଣିଥରେ ସାମ୍ନାକୁ ଆଣିଛି । କେବଳ ଜ୍ୱର କିମ୍ବା ଶ୍ୱାସକ୍ରିୟା ଜନିତ ସମସ୍ୟା ନୁହେଁ, ବରଂ ଏହି ଭୂତାଣୁ ମସ୍ତିଷ୍କ ଉପରେ ସ୍ଥାୟୀ କ୍ଷତି ପହଞ୍ଚାଇବା ସହ ହୃଦଘାତ ଭଳି ଘାତକ ପରିସ୍ଥିତି ସୃଷ୍ଟି କରୁଥିବା ବିଷୟ ବିଶେଷଜ୍ଞମାନଙ୍କୁ ଗଭୀର ଚିନ୍ତାରେ ପକାଇଛି । ଏହି ପରିପ୍ରେକ୍ଷୀରେ, ନିପା ଭୂତାଣୁର ପ୍ରକୃତି, ଏହାର ସାଂଘାତିକ ପରିଣାମ ଏବଂ ଏହାର ମୁକାବିଲା ପାଇଁ ଆବଶ୍ୟକ ରଣନୀତି ସମ୍ପର୍କରେ ଏକ ବିସ୍ତୃତ ଓ ତଥ୍ୟଭିତ୍ତିକ ବିଶ୍ଳେଷଣର ଆବଶ୍ୟକତା ରହିଛି ।

ନିପା ଭୂତାଣୁ (NiV) ହେଉଛି ଏକ ଜୁନୋଟିକ୍ ଭୂତାଣୁ, ଅର୍ଥାତ୍ ଏହା ପ୍ରାଣୀମାନଙ୍କ ଠାରୁ ମଣିଷକୁ ବ୍ୟାପିଥାଏ । ମୁଖ୍ୟତଃ ଟେରୋପସ୍ (Pteropus) ପ୍ରଜାତିର ଫଳଖିଆ ବାଦୁଡ଼ିମାନେ ଏହି ଭୂତାଣୁର ପ୍ରାକୃତିକ ବାହକ ଅଟନ୍ତି । ୨୦୨୬ର ଏହି ସଂକ୍ରମଣ ଲହର ପୂର୍ବ ଅପେକ୍ଷା ଅଧିକ ଜଟିଳ ବୋଲି ବିବେଚନା କରାଯାଉଛି, କାରଣ ସାମ୍ପ୍ରତିକ ଗବେଷଣା ଏବଂ ଡାକ୍ତରୀ ରିପୋର୍ଟ ଅନୁଯାୟୀ, ଏହି ଭୂତାଣୁ କେବଳ ଏନସେଫାଲାଇଟିସ୍ ବା ମସ୍ତିଷ୍କ ପ୍ରଦାହ ସୃଷ୍ଟି କରୁନାହିଁ, ବରଂ ଏହା ରୋଗୀକୁ କୋମା ଏବଂ ହୃଦଘାତ ଆଡକୁ ଦ୍ରୁତ ଗତିରେ ଠେଲି ଦେଉଛି । ପଶ୍ଚିମବଙ୍ଗରେ ଘଟିଥିବା ମୃତ୍ୟୁ ଏହାର ଏକ ଜ୍ୱଳନ୍ତ ଉଦାହରଣ ଅଟେ । ସାଧାରଣତଃ ନିପା ସଂକ୍ରମଣରେ ମୃତ୍ୟୁ ହାର ୪୦ରୁ ୭୫ ପ୍ରତିଶତ ମଧ୍ୟରେ ରହିଥାଏ, ଯାହା କୋଭିଡ-୧୯ ତୁଳନାରେ ଯଥେଷ୍ଟ ଅଧିକ । ଏହି ଉଚ୍ଚ ମୃତ୍ୟୁ ହାର ଏବଂ କୌଣସି ନିର୍ଦ୍ଦିଷ୍ଟ ଟିକା କିମ୍ବା ଔଷଧ ନଥିବା କାରଣରୁ ଏହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (WHO) ପକ୍ଷରୁ ଏକ ଅଗ୍ରାଧିକାର ରୋଗ ଭାବରେ ଚିହ୍ନିତ କରାଯାଇଛି । ବର୍ତ୍ତମାନର ପରିସ୍ଥିତିକୁ ବିଶ୍ଳେଷଣ କଲେ ଜଣାପଡେ ଯେ, ଭୂତାଣୁର ଲକ୍ଷଣଗୁଡ଼ିକରେ କିଛିଟା ପରିବର୍ତ୍ତନ କିମ୍ବା ତୀବ୍ରତା ପରିଲକ୍ଷିତ ହେଉଛି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଚେତାବନୀ ଅନୁଯାୟୀ, ନିପା ଭୂତାଣୁ ସଂକ୍ରମିତ ବ୍ୟକ୍ତିଙ୍କ କ୍ଷେତ୍ରରେ ଦୀର୍ଘମିଆଦୀ ସ୍ନାୟୁଗତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି । ଯେଉଁମାନେ ଏହି ମାରାତ୍ମକ ରୋଗରୁ ବର୍ତ୍ତି ଯାଉଛନ୍ତି, ସେମାନଙ୍କ ମଧ୍ୟରୁ ଅନେକଙ୍କ ଠାରେ ସ୍ଥାୟୀ ମସ୍ତିଷ୍କ କ୍ଷତି (Permanent Brain Damage) ବା ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଭଳି ଲକ୍ଷଣ ଦେଖାଯାଉଛି । ଏହା କେବଳ ଏକ ସାମୟିକ ସଂକ୍ରମଣ ନୁହେଁ, ବରଂ ଏହା ଏକ ଜୀବନବ୍ୟାପୀ ଦୁର୍ବଳତା ସୃଷ୍ଟି କରିପାରେ । ପଶ୍ଚିମବଙ୍ଗର ଘଟଣାଟି ପ୍ରମାଣିତ କରୁଛି ଯେ ଭୂତାଣୁ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗକୁ ଅତି ଦ୍ରୁତ ଗତିରେ ନଷ୍ଟ କରିବାର କ୍ଷମତା ରଖିଛି, ଯେଉଁଠାରେ ହୃଦଯନ୍ତ୍ର କ୍ରିୟା ବନ୍ଦ ହେବା ମୃତ୍ୟୁର ଆସନ୍ନ କାରଣ ପାଲଟୁଛି । ଏହି ନୂତନ ତଥ୍ୟ ଚିକିତ୍ସା ବିଜ୍ଞାନ ପାଇଁ ଏକ ବଡ଼ ଆହ୍ୱାନ, କାରଣ ରୋଗୀକୁ ବଞ୍ଚାଇବା ପାଇଁ ଡାକ୍ତରମାନଙ୍କ ହାତରେ ଖୁବ୍ କମ୍ ସମୟ ରହୁଛି ।

ଭାରତରେ ନିପା ଭୂତାଣୁର ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ପଶ୍ଚିମବଙ୍ଗ ଏବଂ କେରଳ ଏହି ରୋଗର ମୁଖ୍ୟ କେନ୍ଦ୍ରବିନ୍ଦୁ ରହିଆସିଛନ୍ତି । ୨୦୦୧ ମସିହାରେ ଶିଲିଗୁଡ଼ିରେ ଏବଂ ୨୦୦୭ରେ ନଦିଆ ଜିଲ୍ଲାରେ ଏହି ଭୂତାଣୁର ପ୍ରାଦୁର୍ଭାବ ଦେଖାଯାଇଥିଲା । ପଶ୍ଚିମବଙ୍ଗରେ ସଂକ୍ରମଣର ମୁଖ୍ୟ କାରଣ ପ୍ରାୟତଃ ଖଜୁରୀ ରସ ସହିତ ଜଡିତ ଥାଏ । ଶୀତଦିନେ ଖଜୁରୀ ଗଛରୁ ରସ ସଂଗ୍ରହ କରାଯାଏ, ଯାହାକୁ ବାଦୁଡ଼ିମାନେ ଦୂଷିତ କରିଥାନ୍ତି । ଯେତେବେଳେ ମଣିଷ ଏହି କଞ୍ଚା ରସ ପାନ କରେ, ଭୂତାଣୁ ସିଧାସଳଖ ମଣିଷ ଶରୀରକୁ ପ୍ରବେଶ କରେ । ୨୦୨୬ର ଏହି ଘଟଣା ପୁଣି ଥରେ ସେହି ପୁରୁଣା ଅଭ୍ୟାସ ଏବଂ ସଚେତନତାର ଅଭାବ ଆଡକୁ ଇଙ୍ଗିତ କରୁଛି । ଅନ୍ୟପକ୍ଷରେ, କେରଳରେ ବାରମ୍ବାର ପ୍ରାଦୁର୍ଭାବ ସତ୍ତ୍ୱେ ସେଠାକାର ସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ କଣ୍ଟାକ୍ଟ ଟ୍ରେସିଂ (Contact Tracing) ବ୍ୟବସ୍ଥା ଯୋଗୁଁ ମୃତ୍ୟୁ ସଂଖ୍ୟାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିଛି । କିନ୍ତୁ ପଶ୍ଚିମବଙ୍ଗର ଘନ ଜନବସତି ଏବଂ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଅପହଞ୍ଚତା ଏହି ବିପଦକୁ ଦ୍ୱିଗୁଣିତ କରୁଛି । ଏହି ସମସ୍ୟାର ମୂଳ କାରଣ କେବଳ ଭୂତାଣୁ ନୁହେଁ, ବରଂ ପରିବେଶଗତ ଅସନ୍ତୁଳନ ମଧ୍ୟ ଏଥିପାଇଁ ଦାୟୀ । ଜଙ୍ଗଲ କ୍ଷୟ ଏବଂ ସହରୀକରଣ ଯୋଗୁଁ ବାଦୁଡ଼ିମାନଙ୍କର ବାସସ୍ଥାନ ନଷ୍ଟ ହେଉଛି, ଫଳରେ ସେମାନେ ଖାଦ୍ୟ ଅନ୍ୱେଷଣରେ ମଣିଷ ବସତି ଆଡକୁ ମୁହାଁଉଛନ୍ତି । ଏହା ମଣିଷ ଏବଂ ବନ୍ୟପ୍ରାଣୀଙ୍କ ମଧ୍ୟରେ ସମ୍ପର୍କ ବଢାଉଛି, ଯାହା ଜୁନୋଟିକ୍ ରୋଗ ବ୍ୟାପିବାର ମୁଖ୍ୟ କାରଣ । ‘ୱାନ୍ ହେଲ୍ଥ’ (One Health) ଅବଧାରଣା, ଯାହା ମଣିଷ, ପ୍ରାଣୀ ଏବଂ ପରିବେଶ ସ୍ୱାସ୍ଥ୍ୟର ପାରସ୍ପରିକ ନିର୍ଭରଶୀଳତା ଉପରେ ଗୁରୁତ୍ୱ ଦିଏ, ତାହାକୁ କାର୍ଯ୍ୟକାରୀ କରିବାର ସମୟ ଆସିଛି । ଯଦି ଆମେ ପରିବେଶ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେବା, ତେବେ ନିପା ଭଳି ଭୂତାଣୁ ବାରମ୍ବାର ଆମକୁ ଆକ୍ରମଣ କରିବ । ବିଶେଷ କରି ଓଡ଼ିଶା ଭଳି ରାଜ୍ୟ, ଯାହା ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଛି, ସେଠାରେ ମଧ୍ୟ ସତର୍କତା ଅବଲମ୍ବନ କରିବା ଜରୁରୀ ହୋଇପଡିଛି ।

ବର୍ତ୍ତମାନର ପରିସ୍ଥିତିରେ ସରକାର ଏବଂ ସାଧାରଣ ଜନତାଙ୍କ ମିଳିତ ଉଦ୍ୟମ ଏକାନ୍ତ ଆବଶ୍ୟକ । ପ୍ରଥମତଃ, ସର୍ଭେଲାନ୍ସ ବା ନିରୀକ୍ଷଣ ବ୍ୟବସ୍ଥାକୁ କଡାକଡି କରିବାକୁ ପଡିବ । ଜ୍ୱର, ମୁଣ୍ଡବିନ୍ଧା, ବାନ୍ତି ଏବଂ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା ରୋଗୀମାନଙ୍କୁ ତୁରନ୍ତ ଚିହ୍ନଟ କରି ଅଲଗା ରଖିବା (Isolation) ଆବଶ୍ୟକ । ଦ୍ୱିତୀୟତଃ, ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଜରୁରୀ । ବିଶେଷକରି ଗ୍ରାମାଞ୍ଚଳରେ ଲୋକମାନଙ୍କୁ ବାଦୁଡ଼ି ଖାଇଥିବା ଫଳ କିମ୍ବା କଞ୍ଚା ଖଜୁରୀ ରସ ନ ଖାଇବାକୁ ପରାମର୍ଶ ଦେବା ଉଚିତ୍ । ତୃତୀୟତଃ, ଡାକ୍ତରଖାନାଗୁଡ଼ିକରେ ସଂକ୍ରମଣ ନିୟନ୍ତ୍ରଣ ପ୍ରୋଟୋକଲ୍ କଡାକଡି ଭାବେ ପାଳନ କରାଯିବା ଦରକାର, କାରଣ ନିପା ଭୂତାଣୁ ମଣିଷରୁ ମଣିଷକୁ (Human-to-Human) ଡାକ୍ତରଖାନା ପରିବେଶରେ ଦ୍ରୁତ ଗତିରେ ବ୍ୟାପିବାର ନଜିର ରହିଛି । ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଉପଯୁକ୍ତ ପିପିଇ (PPE) କିଟ୍ ଏବଂ ତାଲିମ ପ୍ରଦାନ କରିବା ସରକାରଙ୍କ ପ୍ରାଥମିକତା ହେବା ଉଚିତ୍ । ଆର୍ଥିକ ଦୃଷ୍ଟିକୋଣରୁ ଦେଖିଲେ, ଏଭଳି ପ୍ରାଦୁର୍ଭାବ ରାଜ୍ୟ ତଥା ଦେଶର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଥାଏ । ପର୍ଯ୍ୟଟନ ଶିଳ୍ପ, କୃଷି (ବିଶେଷକରି ଫଳ ବ୍ୟବସାୟ) ଏବଂ ସାଧାରଣ ବାଣିଜ୍ୟ ବାଧାପ୍ରାପ୍ତ ହୁଏ । ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଲେ ବଜାର କାରବାର ମନ୍ଥର ହୋଇଯାଏ । ତେଣୁ, ଏହା କେବଳ ଏକ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ବରଂ ଏକ ଅର୍ଥନୈତିକ ବିପର୍ଯ୍ୟୟ ମଧ୍ୟ । ୨୦୨୬ର ଏହି ଆଉଟବ୍ରେକ୍ ବା ପ୍ରାଦୁର୍ଭାବ ଆମକୁ ଶିକ୍ଷା ଦେଉଛି ଯେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ବିନିଯୋଗ କେବେବି ଅପବ୍ୟୟ ନୁହେଁ । ମଲିକୁଲାର ଡାଇଗ୍ନୋଷ୍ଟିକ୍ ଲ୍ୟାବ୍ ପ୍ରତିଷ୍ଠା, ଗବେଷଣା ଏବଂ ଟିକା ବିକାଶ ଦିଗରେ ଭାରତ ସରକାର ଅଧିକ ପୁଞ୍ଜି ନିବେଶ କରିବା ଆବଶ୍ୟକ । ଅଷ୍ଟ୍ରେଲିଆ ଏବଂ ଅନ୍ୟାନ୍ୟ ଦେଶରେ ନିପା ଭୂତାଣୁ ପାଇଁ ମୋନୋକ୍ଲୋନାଲ ଆଣ୍ଟିବଡି (Monoclonal Antibody) ଚିକିତ୍ସା ଉପରେ ପରୀକ୍ଷଣ ଚାଲିଛି, ଭାରତ ମଧ୍ୟ ଏହି ଦିଗରେ ଅନ୍ତର୍ଜାତୀୟ ସହଯୋଗ ବୃଦ୍ଧି କରିବା ଉଚିତ୍ ।

ପରିଶେଷରେ, ନିପା ଭୂତାଣୁର ଏହି ନୂତନ ଲହର ଏବଂ ଏହାର ଘାତକ ରୂପ ଆମ ସମସ୍ତଙ୍କ ପାଇଁ ଏକ ସତର୍କ ଘଣ୍ଟି । ହୃଦଘାତ ଏବଂ ସ୍ଥାୟୀ ମସ୍ତିଷ୍କ ବିକୃତି ଭଳି ପରିଣାମ ଏହି ରୋଗକୁ ଅଧିକ ଭୟଙ୍କର କରିତୋଳିଛି । କେବଳ ଭୟଭୀତ ନ ହୋଇ ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ସତର୍କତା ଅବଲମ୍ବନ କଲେ ଆମେ ଏହି ବିପଦର ମୁକାବିଲା କରିପାରିବା । ପ୍ରକୃତି ସହ ଖେଳିବାର ପରିଣାମ ଯେ କେତେ ଭୟାବହ ହୋଇପାରେ, ତାହା ନିପା ଭୂତାଣୁ ବାରମ୍ବାର ମନେ ପକାଇ ଦେଉଛି । ଏଣୁ ପରିବେଶ ସନ୍ତୁଳନ ରକ୍ଷା କରିବା ସହ ଏକ ସୁଦୃଢ଼ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ଗଠନ କରିବା ହିଁ ଆଜିର ସମୟର ସବୁଠାରୁ ବଡ଼ ଆହ୍ୱାନ ଓ ଆବଶ୍ୟକତା ।



# ଭାଲେଣ୍ଟାଇନ୍ ଡ଼େ’ ମୋହରେ ଆମ ଯୁବ ପିଢ଼ି

**ବିଷ୍ଣୁ ପ୍ରସାଦ ଦାସ**

ପ୍ରତିବର୍ଷ ଫେବୃଆରୀ ମାସ ୧୪ ତାରିଖକୁ ଭାଲେଣ୍ଟାଇନ୍ ଡେ ବା ‘ପ୍ରେମ ଦିବସ’ ଭାବେ ପାଳନ କରା ଯାଉଅଛି, ଯୁବକ ଯୁବତୀ ମାନେ ଏହି ଦିବସକୁ ମନଭରି ଉପଭୋଗ କରିବା ସହିତ କିଛି ଅନୈତିକ କାର୍ଯ୍ୟରେ ମଧ ନିଜକୁ ସାମିଲ କରି ଦେଇ ଥା’ନ୍ତି, ଯାହାକି ପରବର୍ତ୍ତୀ ସମୟରେ ଏକ ସମସ୍ୟା ହୋଇ ଠିଆ ହୁଏ । ଜୀବନକୁ ସରସ ସୁନ୍ଦର କରିବା ସହିତ କିଛି ନୂତନତ୍ୱକୁ ଆପଣେଇ ନେବାର ଅଭିଳାଷ ଯୁଗ ଯୁଗରୁ ଚଳି ଆସୁଛି, ହୁଏତ ଏହା ପ୍ରକୃତିର ଏକ ନିୟମ ବା ଆମର ଦୂର ଦିଗ୍ୱଳୟକୁ ଛୁଇଁବାର ଏକ ବୃଥା ଚେଷ୍ଟା ତାହା ସମୟ ହିଁ କହିବ । ଭାଲେଣ୍ଟାଇନ୍ ଡେ ପରି ଏକ ପାଶ୍ଚାତ୍ୟ ସଂସ୍କୃତି / ପରମ୍ପରାକୁ ଆମ ଭାରତୀୟ ଯୁବ ପିଢ଼ି ଖୁବ ଶୀଘ୍ର ଆପଣେଇ ନେଇଛି । ଖାଲି ସେତିକି ନୁହେଁ, ଗତ ୧୫ /୨୦ ବର୍ଷ ଭିତରେ ଏହା ଅନ୍ଧ ଭାବେ ଆଗକୁ ଆଗକୁ ମାଡି ଚାଲିଛି ଯାହାର ଆଦି ନାହିଁ କି ଅନ୍ତ ନାହିଁ କିମ୍ବା ଭାରତୀୟ ସଂସ୍କୃତି ସହିତ କୌଣସି ତାଳ ମେଳ ନାହିଁ । ସତ କହିବାକୁ ଗଲେ ୯୦ ପ୍ରତିଶତ ଯୁବକ, ଯୁବତୀ ଭାଲେଣ୍ଟାଇନ୍ ଡ଼େ’ର ଇତିହାସ ବିଷୟରେ ସମ୍ପୂର୍ଣ୍ଣ ଜାଣି ନ’ଥିବେ ବା ଭୁଲ ତଥ୍ୟକୁ ଆଧାର କରି କୁହୁଡି ପହଁରି ଚାଲିଛନ୍ତି । କିଛି ବ୍ୟବସାୟୀ ମାନେ ମଧ ଏହି ସଂସ୍କୃତିକୁ ଆଖିରେ ରଖି ଖୁବ୍ ଲାଭବାନ ହେଉଛନ୍ତି, ଛାଡ଼ନ୍ତୁ ସେକଥା ଏବେ ଆମେ ଏଇ “ପ୍ରେମ ଦିବସ” କଥା ଉପରକୁ ଆସିବା ।

ଇତିହାସ କହେ ତୃତୀୟ ଶତାବ୍ଦୀରେ ରୋମ୍ ସମ୍ରାଟ ଦ୍ୱିତୀୟ କ୍ଲାଉଡିଆସ୍ ଏକ କ୍ରୋଧୀ ରାଜା ଥିଲେ, ସେହି ସମୟରେ ସେଣ୍ଟ ଭାଲେଣ୍ଟାଇନ୍ ନାମକ ଏକ ଧର୍ମଯାଜକ ରୋମ୍ ନଗରୀରେ ବାସ କରୁଥିଲେ । ସେଣ୍ଟ ଭାଲେଣ୍ଟାଇନ୍ଙ୍କ ବ୍ୟକ୍ତିତ୍ୱ ତଥା ଭଲ ପାଇବାରେ ଆକର୍ଷିତ ହୋଇ ଅନେକ ରୋମ୍ ନିବାସୀ ଖ୍ରୀଷ୍ଟଧର୍ମକୁ ଆପଣାଇ ନେଇଥିଲେ ଏହି ଧର୍ମାନ୍ତରୀକରଣ ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟଙ୍କୁ ଖୁବ୍ କଷ୍ଟ ଦେଉ ଥିଲା ତାହାର କାରଣ, ସମ୍ରାଟ୍ କ୍ଲାଉଡିୟସ୍ ଦ୍ୱିତୀୟ ଜଣେ ପାଗନ୍ (ଯେଉଁମାନେ ଅନେକ ଦେବା ଦେବୀ ପୂଜା କରନ୍ତି ସେମାନଙ୍କୁ ପାଗନ୍ କୁହାଯାଏ) ଥିଲେ ଏବଂ ଖ୍ରୀଷ୍ଟିଆନ୍ ମାନଙ୍କୁ ଯାହା କରିବାକୁ ଅନୁମତି ଦିଆ ଯାଇଥିଲା ସେହି ସମ୍ବନ୍ଧରେ ସେ କଠୋର ନିୟମ ତିଆରି କରିଥିଲେ । ସେଣ୍ଟ ଭାଲେଣ୍ଟାଇନ୍ ରୋମ୍ ରାଜାଙ୍କ ନିର୍ଦ୍ଦେଶକୁ ଖାତିର ନକରି ନିଜ କାର୍ଯ୍ୟରେ ଅଟଳ ଥିଲେ, ଏହା ଖ୍ରୀଷ୍ଟ ପର ୨୭୧ ମସିହା କଥା । ସେତେ ବେଳେ ସମ୍ରାଟ୍ ନିଜ ସୈନ୍ୟମାନଙ୍କୁ ବିବାହ ପାଇଁ ଅନୁମତି ଦେଉ ନଥିଲେ । ସେ ଭାବୁଥିଲେ ବିବାହ ପରେ ସୈନ୍ୟ ମାନେ ନିଜ ସ୍ତ୍ରୀ ସହ ସହବାସ ଜନିତ ସେମାନଙ୍କର ଶରୀର ଦୁର୍ବଳ ହୋଇଯିବ ବା ସେମାନେ ପାରିବାରିକ ସମସ୍ୟା ଭିତରେ ବୁଡି ରହି ଯୁଦ୍ଧ ପାଇଁ ସେତେଟା ଉପଯୁକ୍ତ ସାବ୍ୟସ୍ତ ହେବେ ନାହିଁ । ସେଣ୍ଟ ଭାଲେଣ୍ଟାଇନ୍ ବିବାହ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ମାନଙ୍କୁ ଯୋଗା ଯୋଗ କରି ସେମାନଙ୍କ ବିବାହ କରାଇ ସେମାନଙ୍କୁ ଖ୍ରୀଷ୍ଟ ଧର୍ମରେ ସାମିଲ କରୁଥିଲେ । ଏସବୁ ଦେଖି ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ ଉକ୍ଷିପ୍ତ ହୋଇ ସେଣ୍ଟ ଭାଲେଣ୍ଟାଇନ୍ ଙ୍କୁ ରାଜଦ୍ରୋହ ଅଭିଯୋଗରେ ମୃତ୍ୟୁଦଣ୍ଡ ଘୋଷଣା କରି ତାଙ୍କୁ ବନ୍ଦୀ ଗୃହରେ ରଖି ଥିଲେ । ସେଣ୍ଟ ଭାଲେଣ୍ଟାଇନ୍ ସମ୍ରାଟଙ୍କ ଦ୍ୱାରା ନିଆ ଯାଇଥିବା ନିଷ୍ପତ୍ତିକୁ ଆଦୌ ପସନ୍ଦ କରୁ ନଥିଲେ । ସମ୍ରାଟଙ୍କ ଏକତରଫା ନିଷ୍ପତ୍ତି ବିରୁଦ୍ଧରେ ସେ ନିଜର ଅନୁଗାମୀ ମାନଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ । ସେଣ୍ଟ ଭାଲେଣ୍ଟାଇନ୍ ରହୁଥିବା କାରାଗାରର କାରାପାଳଙ୍କ ଦୃଷ୍ଟିହୀନ ଝିଅଙ୍କୁ ନିଜର ଐଶ୍ୱରିକ ଶକ୍ତି ଦ୍ୱାରା ଦୃଷ୍ଟିଶକ୍ତି ଫେରାଇ ପାରିଥିଲେ । କାରାପାଳଙ୍କ ଝିଅ ଦୃଷ୍ଟିଶକ୍ତି ଫେରି ପାଇବା ପରେ ସେଣ୍ଟ ଭାଲେଣ୍ଟାଇନ୍ଙ୍କୁ କାରାପାଳ ଅନେକ ସହାନୁଭୂତି ଦେଖାଇ ଥିଲେ, ଝିଅଟି ମଧ ନିଜକୁ ଜଣେ ଅନୁଗାମୀ ଭଳି ସେଣ୍ଟ ଭାଲେଣ୍ଟାଇନ୍ ଙ୍କୁ ଭକ୍ତି କରିବା ସହିତ ଭଲପାଇ ବସିଥିଲେ । ସେହି ଭଲ ପାଇବାରେ ନା ଥିଲା କାମନା, ନା ଥିଲା ବାସନା, ଥିଲା କେବଳ ଶାଶ୍ୱତ ପ୍ରେମ । ଇତିହାସ କହେ ସେହି କାରାଗାରରେ ଆଉ ଜଣେ ଭାଲେଣ୍ଟାଇନ୍ ଥିଲେ ଫେବୃଆରୀ ୧୪ ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ, ଦୁଇଜଣ ଭାଲେଣ୍ଟାଇନ୍ଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ । ମୃତ୍ୟୁ ପୂର୍ବରୁ ଦୃଷ୍ଟିଶକ୍ତି ଫେରାଇ ଥିବା ଭାଲେଣ୍ଟାଇନ୍ କାରାପାଳଙ୍କ ଝିଅକୁ ଏକ ପତ୍ର ଲେଖି ନିଜେ ସ୍ୱାକ୍ଷର କରିଥିଲେ ପତ୍ର ଶେଷରେ ‘ତୁମର ଭାଲେଣ୍ଟାଇନ୍’ ଲେଖାଥିଲା । ତେବେ ପୁରା ଚିଠି ରେ କ’ଣ ଲେଖାଥିଲା ଆଜି ପର୍ଯ୍ୟନ୍ତ ତାହା ଲୋକ ଲୋଚନକୁ ଆସିନାହିଁ । କାରାପାଳଙ୍କ ଝିଅକୁ ଏହା ତାଙ୍କର ଅନାବିଳ ପ୍ରେମର ନିଦର୍ଶନ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ଭାରତ ବର୍ଷରେ ଭାଲେଣ୍ଟାଇନ୍ଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଳନ କରା ଯାଉଥିବା ପ୍ରେମ ଦିବସରେ କିଏ କାହା ପାଇଁ ମୃତ୍ୟୁ ଦଣ୍ଡ ଭୋଗୁଛି ? କିଏ କାହାର ଦୃଷ୍ଟିଶକ୍ତି ଫେରାଇ ଦେଉଛି ? କାହା ସହିତ କାହାର ବିବାହ ବର୍ତ୍ତମାନର ଶାସକ / ସରକାରଙ୍କ ନିୟମ ଦ୍ୱାରା ହୋଇ ପାରୁନାହିଁ ? ଭାଲେଣ୍ଟାଇନ୍ କାରାପାଳଙ୍କ ଝିଅକୁ କି ପ୍ରକାର ପ୍ରେମ କରୁଥିଲେ କୁହନ୍ତୁ ତ ? ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ନ ଜାଣି ଯୁବପିଢ଼ି କାହିଁକି ଯେ ମେଷ ପଲ ପଛରେ ଧାବମାନ ତାହା କେବଳ ସେମାନେ ହିଁ କହି ପାରିବେ ।

ଆଜିର ସମାଜରେ ଉନ୍ମତ୍ତ ଯୁବକ ଯୁବତୀ ମାନେ ପ୍ରେମର ସଂଜ୍ଞା ନ’ ଜାଣି କେବଳ କାମନା ବାସନାର ବଶବର୍ତ୍ତୀ ହେବା ସହିତ ନିଜର ସନାତନ ଧର୍ମ/ ପରମ୍ପରାକୁ ଭୁଲିଯାଇ ପାଶ୍ଚାତ୍ୟ ପରମ୍ପରାକୁ ଖୁବ୍ ସହଜରେ ଆପଣେଇ ନେବାରେ କୌଣସି କାର୍ପଣ୍ୟତା ପ୍ରକାଶ କରୁ ନାହାନ୍ତି । ‘ପ୍ରେମ ଦିବସ‘ ଏକ ପାଶ୍ଚାତ୍ୟ ପରମ୍ପରା ଏହା ସହିତ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ବ୍ୟବସାୟିକ ଉଦ୍ଦେଶ୍ୟ ଜଡିତ, ଅନେକ ପ୍ରେମ ସମ୍ବଳିତ ରଙ୍ଗ ବେରଙ୍ଗ ଉପହାର ସାମଗ୍ରୀ ବିକ୍ରି ହେବ ଏହାର ଲାଭ କିଏ ପାଇବେ ? ସେଇ ବ୍ୟବସାୟୀ ଯେଉଁମାନେ ପାଶ୍ଚାତ୍ୟ ପରମ୍ପରାକୁ ବିଭିନ୍ନ ଉପାୟରେ ଯୁବ ପିଢ଼ିଙ୍କ ଉପରେ ବିଜ୍ଞାପନ ମାଧ୍ୟମରେ ଲଦି ଦେଉଛନ୍ତି ତଥା ଭାରତୀୟ ବଜାରରେ ବହୁଳ ଭାବେ ବ୍ୟବସାୟ




ବଢାଇ ଚାଲିଛନ୍ତି । “ପ୍ରେମ ଦିବସ”ର ତାଳେ ତାଳେ ବିବାହ ବିଚ୍ଛେଦର କରୁଣ ପରିଣତି ମଧ ଆମ ସମାଜରେ ବହୁଳ ପରିମାଣରେ ଦେଖିବାକୁ ମିଳୁଛି । ଅଦାଲତରେ ହଜାର ହଜାର ଛାଡ ପତ୍ର ମାମଲା ବିଚାରାଧୀନ ଅବସ୍ଥାରେ ରହିଛି, ଏହାର କାରଣ କ’ଣ ? ଆଦରର ଯୁବ ପିଢ଼ି ଟିକେ ସୁସ୍ଥ ମନରେ ବିଚାର କରନ୍ତୁ ତ, ପ୍ରେମ ଯଦି ଶାଶ୍ୱତ ହୁଏ, ଭଲ ପାଇବାରେ ଯଦି କଳଙ୍କ ନଥାଏ, ପରସ୍ପର ଭିତରେ ଯଦି ମନକୁ ମନ ମିଶୁ ଥାଏ ତେବେ ଏଇ ଲୋକ ଦେଖାଣିଆ “ପ୍ରେମ ଦିବସ”ର ଆବଶ୍ୟକତା ରହିଲା କେଉଁଠି ? ସନାତନ ଧର୍ମରେ ମଧ ଅନେକ ମୁନିରଷି ଅନେକ ଅଲୌକିକ କାର୍ଯ୍ୟ କରି ଯାଇଛନ୍ତି କାହିଁ ତାଙ୍କ ପାଇଁ ତ ଦିନଟିଏ ଆମେ ଚିନ୍ତା କରୁନାହୁଁ ବା ତାଙ୍କ ନାମରେ ଦିନଟିଏ ପାଳନ କରୁନାହୁଁ ? ସନାତନ ଧର୍ମ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ଅବଦାନ କ’ଣ ଭୁଲି ହେବ ? ତେବେ ନିଜ ସଂସ୍କୃତିକୁ ଜଳାଞ୍ଜଳି ଦେଇ ସେଣ୍ଟ ଭାଲେଣ୍ଟାଇନ୍ଙ୍କ ପାଇଁ ବନ୍ଧୁ ଗଣ ଏତେ ପାଗଳ କାହିଁକି ହେଉଛ ? ଏକ ଉଦାହରଣ ଦେଇ କହିବାକୁ ଚାହେଁ, ମୋର ଜଣେ ଆମେରିକୀୟ ମହିଳା ପତ୍ର ବନ୍ଧୁ ୧୯୭୨ ମସିହା ଫେବୃଆରୀ ମାସରେ ଭାଲେଣ୍ଟାଇନ୍ ଡେ କାର୍ଡ ଖଣ୍ଡିଏ ଦେଇଥିଲେ ଅବଶ୍ୟ ସେତେବେଳେ ମୋର ବୟସ ୧୮ ଥିଲା ମୁଁ ଭାଲେଣ୍ଟାଇନ୍ ଡେ ବିଷୟରେ ବିନ୍ଦୁ ବିସର୍ଗ କିଛି ବୁଝି ନଥିଲି, ସେହି କାର୍ଡ ଖଣ୍ଡିକ ଆଜି ମଧ ସାଇତି ରଖିଛି ଏବଂ ଏବେ ବୁଝୁଛି ଭାଲେଣ୍ଟାଇନ୍ ଡେର ଇତିହାସ । ଭଲପାଇବା କିଛି ଖରାପ ନୁହେଁ, ପ୍ରେମ ପାପ ନୁହେଁ, ତାଜମହଲ ଗଢ଼ିଥିବା ସାହାଜାହାନ୍ ମଧ ପ୍ରେମର ପ୍ରତୀକ ଛାଡ଼ି ଯାଇଛନ୍ତି ଯାହାକି ଆଜି ବିଶ୍ୱରେ ସପ୍ତାଶ୍ଚର୍ଯ୍ୟ ଭିତରୁ ଏକ ସ୍ମାରକୀ ରୂପେ ଭାରତ ବର୍ଷର ଆଗ୍ରା ସହରରେ ସଗର୍ବେ ଦଣ୍ଡାୟମାନ । ଏହା ପଛର କରୁଣ କାହାଣୀ ଆଜି ମଧ ଅନେକ ଲୋକ ଜାଣି ନାହାନ୍ତି ଧଳା ଶଙ୍ଖ ମର୍ମର ପ୍ରସ୍ତରର ପଛପଟ କଳା ଇତିହାସ ଅତିବ କରୁଣ ତଥା ହୃଦୟ ସ୍ପର୍ଶୀ । ଗଣତନ୍ତ୍ର ଶାସନରେ ସମସ୍ତେ ନିଜ ବୁଦ୍ଧି ବିବେକ ଖଟାଇ କାର୍ଯ୍ୟ କରିବା ଉଚିତ୍, ସମସ୍ତଙ୍କର ସାମ୍ବିଧାନିକ ଅଧିକାର ଅଛି । ଆମ ସମାଜରେ ବର୍ତ୍ତମାନ ଯୁବ ପିଢ଼ି କି ପ୍ରକାର ପ୍ରେମ କରୁଛନ୍ତି ତାହା ବ୍ୟାଖ୍ୟା କରିବାର ସମୟ ଉପନୀତ, ଅନ୍ୟଥା ଭବିଷ୍ୟତରେ ଏହାର ବିଷମ ପରିଣତି ନିମନ୍ତେ ପିତା ମାତା, ଗୁରୁଜନ, ସମାଜ ସୁଧାରକ ତଥା ଧର୍ମ ରକ୍ଷକ ମାନେ ହିଁ ଦାୟୀ ରହିବେ । ସମସ୍ତଙ୍କୁ ଏତିକି ଅନୁରୋଧ ଭାରତୀୟ ପରମ୍ପରା ଏଂ ସଂସ୍କୃତିକୁ ଜଳାଞ୍ଜଳି ଦିଅନ୍ତୁ ନାହିଁ କିମ୍ବା ସନାତନ ଧର୍ମକୁ ହତାଦର କରନ୍ତୁ ନାହିଁ । ଛାଡ଼ନ୍ତୁ, ନାନା ମୁନିଙ୍କ ନାନା ମତ ତେଣୁ କାହାରି କ୍ରୋଧର ଶିକାର ହେବା ପୂର୍ବରୁ ଯଦି କାହାରିକୁ ବାଧିଲା ପରି ଲେଖି ଥାଏ ଦୁଃଖିତ ।

ଜୟ ହିନ୍ଦ୍ ।
ସମ୍ମାନ ସହ,

ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭



# କଳାହଂସ ଭିତରେ ଅଦୃଶ୍ୟ କୃଷି ଓ ଉତ୍କର୍ଷ ବୈଷୟିକ ଶିକ୍ଷା

**ଡ.ବିମଳ ଷଡଙ୍ଗୀ**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯାହା ଏହି ସମ୍ମଳନୀର ବିଷୟ ବସ୍ତୁରେ ମୁଖ୍ୟ ଆଲୋଚନା ଭାବରେ ସ୍ଥାନିତ ହୋଇଥିଲେ ଆଗାମୀ ପିଢୀର ଜୀବନ ନିର୍ବାହ ଅଧିକ ସୁରକ୍ଷିତ ହୋଇପାରିଥାଆନ୍ତା ବୋଲି ଅନୁମେୟ । ବ୍ଲାକ୍ ସ୍ୱାନ୍ କନଫରେନ୍ସର ପ୍ରମୁଖ ଉଦ୍ଦେଶ୍ୟ, ଅପରିକଳ୍ପିତ ବିପଦ ଗୁଡିକର ପୂର୍ବାନୁମାନ କରିବା ସହିତ ଏହା ମାଧ୍ୟମରେ ଦେଶ ଓ ସଂସ୍ଥାମାନେ ଆଗରୁ ସତର୍କ ହୋଇ ସମାଜର ହିତ ପାଇଁ ନିଜକୁ ପ୍ରସ୍ତୁତ ରଖିବା ଏବଂ ସେଥିପାଇଁ ଯୋଜନା ତିଆରି କରିବା । ନୀତି ଗଠନରେ ସହାୟତା, ସରକାର ଓ ଆନ୍ତର୍ଜାତୀୟ ସଂଗଠନମାନେ ଏହି ଆଲୋଚନାରୁ ଶିକ୍ଷା ନେଇ ଆର୍ଥିକ, ସୁରକ୍ଷା, ପରିବେଶ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, କୃଷି ଆଦିର ବିକାଶ ପାଇଁ ନୀତି ଗଠନ କରନ୍ତି ।ଏହି କନଫରେନ୍ସ ମାଧ୍ୟମରେ ଦେଶମାନଙ୍କୁ ମିଳିମିଶି କାମ କରିବାକୁ ମଧ ପ୍ରେରଣା ମିଳିଥାଏ ।

କୃତ୍ରିମ ବୁଦ୍ଧିମତାର କାୟା, ସାଇବର ଅପରାଧ ସହିତ ଓଡିଶାରେ ମୁଣ୍ଡଟେକିଥିବା ନଷ୍ଟପ୍ରାୟ ବୈଷୟିକ ଶିକ୍ଷାର କାୟା, ବିପର୍ଯ୍ୟସ୍ତ ସାଧାରଣଶିକ୍ଷା, ନଷ୍ଟ ପ୍ରାୟ ଦେଶୀୟ ଜୈବିକ କୃଷି ପଦ୍ଧତି, ସ୍ୱଚ୍ଛ ପାନୀୟ ଜଳର ଅଭାବ, ଦୁଷ୍ପ୍ରାପ୍ୟ ସୁଷମ ଖାଦ୍ୟ, ଗୋପାଳନ, ଜୈବ ବିବିଧତା, ସୁସ୍ଥ ପରିବେଶ ଭଳି କ୍ଷେତ୍ରରେ ସମ୍ଭାବ୍ୟ ବିପଦ ଓ ସୁଯୋଗ ଉପରେ ଆଲୋଚନାକୁ ବୃଦ୍ଧି କରିଥିଲେ କନଫରେନ୍ସଟି ଆହୁରି ଉପଯୋଗୀ ହୋଇପାରିଥାଆନ୍ତା । କାରଣ ବୈଷୟିକ ଶିକ୍ଷା ହେଉଛି ଯୁବକ ମାନଙ୍କୁ ନୂଆ ଜ୍ଞାନ କୌଶଳ ଦ୍ୱାରା ସମୃଦ୍ଧ କରିବାର ଏକମାତ୍ର ମାଧ୍ୟମ ।ମାତ୍ର ରାଜ୍ୟରେ ଛତୁ ଫୁଟିଲାପରି ଘରୋଇ ବୈଷୟିକ ଅନୁଷ୍ଠାନ ଗୁଡିକରେ ବିନା ଭିତ୍ତିଭୂମି ଓ ଛଦ୍ମ ଶିକ୍ଷକ ତଥା ସେଗୁଡିକୁ ସୁରକ୍ଷା ଦେଉଥିବା ରାଜ୍ୟର ଏକମାତ୍ର ବିଶ୍ୱବିଦ୍ୟାଳୟର ତୁରନ୍ତ ପରୀକ୍ଷା ଫଳ ପ୍ରକାଶନ ମାଧ୍ୟମରେ ପ୍ରଚାର ସର୍ବସ୍ୱ ଚିନ୍ତାଧାରା ଦ୍ୱାରା କେବଳ ପ୍ରମାଣ ପତ୍ର ପ୍ରଦାନ ମାଧ୍ୟମରେ ରାଜ୍ୟର ବୈଷୟିକ ଶିକ୍ଷାର୍ଥୀ ଆଜି ନାସକମ ଦ୍ୱାରା ଅନୁପଯୁକ୍ତ ବୋଲି ବିବେଚନା ହେବାପରେ ମଧ ଆମର ବ୍ୟବସ୍ଥା ଏହି ସମସ୍ୟାକୁ ଅଣଦେଖା କରିବା ଘୋର ଅନୁତାପର ବିଷୟ । ସେହିପରି ସାଧାରଣ ଶିକ୍ଷା ବ୍ୟବସ୍ଥାର ଘରୋଇକରଣ ଆଜି ଶିକ୍ଷା ଅଧିକାରକୁ ଅପହରଣ କରିଥିବାର ମନେହୁଏ । ପାନୀୟ ଜଳର ଅଭାବ, ଭୂତଳ ଜଳ ସ୍ତରର ସୁରକ୍ଷା, ଖଣ୍ଡାଧାର ପରି ପ୍ରାକୃତିକ ଓ କୃତ୍ରିମ ଜଳୀୟ ଉତ୍ସର ସୁରକ୍ଷା ସହିତ ନଦୀଜଳର ସୁରକ୍ଷା ଆଜି ଏକ ଗମ୍ଭୀର ସମସ୍ୟା ଭାବରେ ଉଭା । ସୌର, ଅଟୋମୋବାଇଲ, ବୈଦ୍ୟୁତିକ, ଡିଜିଟାଲ, ମେଡିକାଲ, ରାସାୟନିକ, ପ୍ଲାଷ୍ଟିକ ଆଦି ବର୍ଜ୍ୟ ବସ୍ତୁର ପରିଚାଳନା ଆଜି ବିଶ୍ୱ ଏବଂ ଓଡିଶା ଭବିଷ୍ୟତ ପାଇଁ ଆଉ ଗୋଟିଏ ଗମ୍ଭୀର ସମସ୍ୟା ଯାହାକୁ ଅଣଦେଖା କରିବା, ଉତ୍କର୍ଷ ଓଡିଶା ନିର୍ମାଣରେ ବାଧକ ହୋଇପାରେ । ଜୈବିକ କୃଷି, ଗୋପାଳନ ଆଦି ବୃତ୍ତିର ପୁନଃ ଉତ୍ଥାନ ସହିତ ରାସାୟନିକ ସାର ପୋକମରା ଔଷଧର ସ୍ୱଳ୍ପ ବ୍ୟବହାର ଓ ମୃର୍ତ୍ତିକାର ଗୁଣବତ୍ତା ବୃଦ୍ଧି ସହିତ ବଳଦଗାଡି, ହଳଲଙ୍ଗଳରେ ବୈଷୟିକ ଜ୍ଞାନ କୌଶଳର ସହଭାଗିତା ଆଜିର କୃତ୍ରିମ ବୁଦ୍ଧିମତା ଯୁଗରେ ଅଦୃଶ୍ୟ, କାରଣ ଆମେ ଉପରେ ଭାସି କେବେଳ ବିଦେଶୀ ଦ୍ରବ୍ୟର ବହୁଳ ବିକ୍ରି ସହିତ ସେମାନଙ୍କୁ ତୁଷ୍ଟ କରିବାରେ ବ୍ୟସ୍ତହେଲେ ଓଡିଶାର ଭାଗ୍ୟରବି ଅସ୍ତମିତ ହୋଇପାରେ । ଓଡିଶାର ବେକାରି ସମସ୍ୟା ଉତ୍କଟ, ପୋଷଣ ଯୁକ୍ତ ଖାଦ୍ୟର ଅଭାବ, ପରିବେଶ,ସ୍ୱାସ୍ଥ୍ୟ ସେବା, ଗମନାଗମନ ଆଦି ସମସ୍ୟାର ଗମ୍ଭୀରତା ଆମକୁ ବିଚଳିତ କରିଥିଲେ ହୁଏତ ଏହି ବ୍ଲାକ୍ ସ୍ୱାନ୍ ସମ୍ମିଳନୀର ଆଲୋଚନା ଉତ୍ତମ ଭବିଷ୍ୟତ ନକ୍ସା ପ୍ରସ୍ତୁତି କରିବାରେ ସହାୟକ ହୋଇପାରିଥାଆନ୍ତା ।

କାରଣ କମ୍ପୁଟରୀ କରଣପରେ କୃତ୍ରିମ ବୁଦ୍ଧିମତା ଓ ତା ପରେ ଆଉ କିଛି ପରିବର୍ତ୍ତନ ଆସିପାରେ ମାତ୍ର ଇତିହାସର ତଥ୍ୟ ଅନୁସାରେ ଭାରତ ତଥା ଓଡିଶାରେ କୃତ୍ରିମ ବୁଦ୍ଧିମାତା ସହିତ ଦେଶୀୟ ଜ୍ଞାନକୌଶଳର ସଂଯୋଗୀକରଣ ଏବଂ କୃଷି ଓ ଉତ୍କର୍ଷ ବୈଷୟିକଶିକ୍ଷା, ପ୍ରାକୃତିକ ସଂସାଧନର ସୁରକ୍ଷା, ସାଧାରଣ ଶିକ୍ଷାର ଉନ୍ନତିକରଣ ସହିତ ବୃହତ ମାନବ ସମ୍ବଳର ସଂପୂର୍ଣ୍ଣ ବିକାଶ ମାଧ୍ୟମରେ ଉନ୍ନତିର ଚରମ ସୀମାକୁ ନେଇ ପାରିବାରେ ସକ୍ଷମ ହୋଇପାରିବ ଏଥିରେ କୌଣସି ଦ୍ୱିମତ ନାହିଁ । (ସମାପ୍ତ)

ମୋ: ୯୪୩୭୧୨୩୮୯୨






## ଚାରୋଟି ପ୍ରେମ କବିତା

**କନ୍ଦର୍ପ ବେହେରା**

-୧-
ତୁମ ପ୍ରେମରେ ମୁଁ
ପାଗଳ ଭଅଁର,
ଫୁଲକୁ ମୁଁ ଚୁମି ଯାଏ
ଅବୁଝା ଏ ମନ
ତୁମକୁ ଖୋଜୁଛି
ତୁମକୁ ମୁଁ ଭଲପାଏ ॥

-୨-
ବିଶ୍ୱାସ ରଖିଛି
ତୁମକୁ ମୁଁ ସଖି
ଅବିଶ୍ୱାସ ଜମା କରେନା,
ତୁମରି ପରଶ,
ପାଇଛି ବୋଲି ତ
ତୁମକୁ ମୁଁ କେବେ ଭୁଲେନା ॥

-୩-
ଏତେ ରାତିରେ ମୋ
ନିଦ ଆସୁନାହିଁ
ତୁମରି କଥା ମୁଁ ଭାବୁଛି,
ଅଧ ରାତିରେ ମୁଁ
ସ୍ୱପ୍ନ ଦେଖୁଛି
ତୁମକୁ ଖାଲି ମୁଁ ଖୋଜୁଛି ॥

-୪-
ହେ ପ୍ରିୟତମା
ତୁମେ ମୋ ନାୟିକା
ତୁମେ ମୋ ପ୍ରେମିକାରାଣୀ,
ତୁମେ ଥିଲେ ପାଖେ
ଦୁଃଖ ଦୂର ହୁଏ
ମନକୁ ନେଉଛ ଟାଣି ॥

ସଂପାଦକ ‘ସୁଚିତ୍ରା, ସା/ପୋ-ଡଇଁଚା,
ଭାୟା-ରେଢାଖୋଲ,
ଜି-ସମ୍ବଲପୁର
ପିନ୍-୭୬୮୧୦୬,
ମୋ-୭୦୭୭୫୭୯୩୧୭

## ତୁମେ ସତ ଭଗବାନ

**ତାରାପ୍ରସାଦ ଜେନା**



ତୁମ ଦେବା ପଣ ମୋର ନେବା ଗୁଣ
ରହିଅଛି ସହମତି
କିଛି ଦେଇନାହଁ କହିବିନି ମିଛେ
ମାନୁଥିବି କରାମତି
ତୁମ ଦେବା ପଣ ମୋର ନେବା ଗୁଣ..

ମାୟାମୋହ ଭରା ମିଛ ଦୁନିଆରେ
ତୁମେ ଏକା ବଳବନ୍ତ
ଦୁଃଖୀ ମଣିଷକୁ ବାଟ କଢ଼ାଇଛ
ତୁମେ ଏକା ଗୁଣବନ୍ତ,
ନିଜ କର୍ମଫଳ ଭୋଗିବାର ଅଛି
ପ୍ରାରବ୍ଧକୁ ଯଥା ରୀତି
ତୁମ ଦେବା ପଣ ମୋର ନେବା ଗୁଣ...

ବଞ୍ଚିବାର ଲାଗି ଯାହା ସବୁ ଲୋଡ଼ା
ଦେଇଅଛ ବରଦାନ
ନର ଜନମକୁ ଧନ୍ୟ କଲ ପ୍ରଭୁ
ତୁମେ ସତ ଭଗବାନ,
ତବ ପଦତଳେ ଭକ୍ତି ସହକାରେ
ରହିଅଛି ମଥାପାତି
ତୁମ ଦେବା ପଣ ମୋର ନେବା ଗୁଣ...

ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ମୋ: ୯୩୪୮୦୫୪୩୦୦

# ନୀତିଶିକ୍ଷା

## ପ୍ରଦ୍ୟୁମ୍ନ ପଟ୍ଟନାୟକ



ମଧୁ ସାଧୁ ଦୁଇ ସାଙ୍ଗ । ପଢୁଥାନ୍ତି ଗୋଟଏ ସ୍କୁଲରେ ଏବଂ ଏକା ଶ୍ରେଣୀରେ । ମଧୁ ପାଠ ପଢ଼ାରେ ଯେତିକି ଆଗୁଆ ସାଧୁ ସେତିକି ପଛୁଆ । ଶ୍ରେଣୀରେ ଶିକ୍ଷକ ଯାହା ପଢାନ୍ତି ମଧୁ ଖୁବ ଶୀଘ୍ର ଓ ସହଜରେ ବୁଝି ଯାଏ । ସାଧୁ କିନ୍ତୁ କିଛି ପାଠ ବୁଝି ପାରେ ନାହିଁ । ତେଣୁ ଶିକ୍ଷକ ଶ୍ରେଣୀରେ ଯେବେ କୌଣସି ପ୍ରଶ୍ନ ପଚାରନ୍ତି ମଧୁ ସଙ୍ଗେ ସଙ୍ଗେ ହାତ ଉଠାଇଦିଏ । ତା ଜବାବ ବି ସବୁ ବେଳେ ଠିକ ହୋଇଥାଏ । କିନ୍ତୁ ସୁଧାକୁ କୌଣସି ପ୍ରଶ୍ନର ଉତ୍ତର ଠିକରେ ଆସେ ନାହିଁ କି ସେ ଜବାବ ଦେଇ ପାରେ ନାହିଁ ।

ଯେବେ ସାଙ୍ଗ ପିଲାମାନେ ତାଙ୍କ ତାଙ୍କ ଭିତରେ କଥା ଭାଷା ହୁଅନ୍ତି ମଧୁ ବଡ଼ ଗର୍ବର ସହ କହେ, ' ମୁଁ ବଡ଼ ପାଠୁଆ ପିଲା । ମୋତେ ତ ସବୁ କିଛି ଆସୁଛି । ମୋର ପାଠକୁ ଆଦୌ ଡର ନାହିଁ ।' ସାଧୁର କିନ୍ତୁ ପାଠକୁ ବଡ଼ ଭୟ । ସେଥିପାଇଁ ସେ ଭାବେ ତା ଦ୍ୱାରା କେବେ ପାଠ ଶାଠ ହେବ ନାହିଁ । ବଡ଼ ହୋଇ ସେ ଗାଈ ଚରାଇବ ।

ଏକଥା ଶିକ୍ଷକଙ୍କ କାନରେ ପଡ଼ିଲା । ଶିକ୍ଷକ ଶ୍ରେଣୀରେ ପାଠ ପଢ଼ାଇବା ସହ ପିଲାମାନଙ୍କୁ ଉପଦେଶ ମାଧ୍ୟମରେ ଭଲ ଶିକ୍ଷା ଦେଇଥାନ୍ତି । ଦିନେ ଶ୍ରେଣୀରେ ଶିକ୍ଷକ ପିଲାମାନଙ୍କୁ ନୀତି ଶିକ୍ଷା ଦେବାବେଳେ ସେମାନଙ୍କ ର ପାଠ ପ୍ରତି ଆଗ୍ରହ ଏବଂ ଭୟ ବିଷୟରେ ପଚାରିଥିଲେ । ମଧୁ ଦମ୍ଭର ସହ କହିଲା, 'ମୋର ପାଠକୁ ଭୟ ନାହିଁ । ମୋତେ ସବୁକିଛି ଆସି ଯାଉଛି । ଏପରିକି ଆଜିଠାରୁ କିଛି ନପଢ଼ି ବି ମୁଁ ପରୀକ୍ଷାରେ ପାସ କରିଯିବି । ପ୍ରଥମ ବି ହେବି ।' ସେପରି ପଚାରିବାରୁ ସାଧୁ କହିଲା, 'ଆଜ୍ଞା ମୋତେ କିଛି ପାଠ ଆସୁନାହିଁ । ମୋ ଦ୍ୱାରା ପାଠ ପଢ଼ା ହେବ ନାହିଁ । ମୁଁ ଆଗକୁ ଗାଈ ଛେଳି ଚରାଇବି ।'

ଶିକ୍ଷକ ମଧୁ ଏବଂ ସାଧୁଙ୍କ କଥା ଶୁଣି କହିଲେ, 'ତୁମ ଦୁଇଜଣଙ୍କ ଚିନ୍ତାଧାରା ଠିକ ନୁହଁ। ମଧୁ ଠାରେ ଆତ୍ମବଡୀମା ଦେଖା ଦେଇଛି । ସେପରି ସାଧୁଠାରେ ହତାଶାଭାବ ରହିଛି । ଉଭୟ ଭାବନା ଜଣେ ଛାତ୍ର ପକ୍ଷରେ କ୍ଷତି କାରକ । ଆତ୍ମବିଶ୍ୱାସ ଭଲ କଥା କିନ୍ତୁ ଆତ୍ମବଡୀମା କ୍ଷତିକାରକ । ପିଲାମାନେ ତୁମ ମନକୁ ଯେବେ ଆସୁଛି ତୁମକୁ ସବୁ କିଛି ଆସୁଛି ତୁମେ ଭୁଲିବ ନାହିଁ ଯେ ତୁମଠୁ ଆହୁରି ମେଧାବୀ ଓ ଜ୍ଞାନୀ ପିଲା ଅଛନ୍ତି ତେଣୁ ଗର୍ବ ନକରି ଅଧିକ ପଢ଼ିବା ଦରକାର । ସେମିତି ସାଧୁ ଭଳି ଭୟାଳୁ ହେବା ବି ଠିକ ନୁହଁ । ଯେବେ ତୁମ ମନକୁ ଆସିବ ତମ ଦ୍ୱାରା କିଛି ହେଉ ନାହିଁ ସେତେବେଳେ ଭାବିବ ତୁମଠାରୁ ବି ଆହୁରି ଦୁର୍ବଳ ପିଲା ଅଛନ୍ତି। ଚେଷ୍ଟା କଲେ ତୁମେ ଭଲ ପାଠ ପଢ଼ି ପାରିବ ।

ମଧୁ ଏବଂ ସାଧୁ ଶିକ୍ଷକଙ୍କ ଉପଦେଶ ଶୁଣି ପାଠରେ ମନ ଦେବାରୁ ଦୁହେଁ ପରୀକ୍ଷାରେ ଭଲ ନମ୍ବର ରଖି ପାସ କରିଗଲେ । ଶିକ୍ଷକଙ୍କ ନୀତିଶିକ୍ଷା କାମଦେଲା।


+୧୦୧- ପ୍ରକାଶ ଦୀପ ଟାୱାର, ଜୟଦୁର୍ଗା ନଗର,
ଭୁବନେଶ୍ୱର-୦୬
ମୋ: ୯୯୬୮୨୮୦୮୯୬


# ଗୁରୁଦେବ ଦେଲେ ଶିକ୍ଷା

## ସୁବ୍ରତ କୁମାର ଦାସ



ବହୁତ ଦିନ ପୂର୍ବେ ଏକ ସୁନ୍ଦର ଆଶ୍ରମ ଥିଲା। ଆଶ୍ରମଟି ଜଙ୍ଗଲ ମଧ୍ୟରେ ଅବସ୍ଥିତ ଥିଲା। ସେଠାରେ ପକ୍ଷୀମାନଙ୍କର ସ୍ୱର, ନଦୀର ମଧୁର ଶବ୍ଦ ଓ ପବିତ୍ର ପରିବେଶ ସମସ୍ତଙ୍କ ମନକୁ ଶାନ୍ତ କରୁଥିଲା। ସେହି ଆଶ୍ରମରେ ଜଣେ ଜ୍ଞାନୀ ଓ ଦୟାଳୁ ଋଷି ରହୁଥିଲେ। ଋଷିଙ୍କ ପାଖରେ କିଛି ଶିଷ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଶିଷ୍ୟ ଥିଲେ ଚନ୍ଦନ। ଚନ୍ଦନ ବୁଦ୍ଧିମାନ ଥିଲା କିନ୍ତୁ ତା'ର ମନରେ ଅହଙ୍କାର ଟିକେ ଥିଲା। ସେ ଭାବୁଥିଲା; ମୁଁ ସବୁ କିଛି ଶିକ୍ଷା ଲାଭ କରିପାରିଛି । ଦିନେ ଋଷି ସମସ୍ତ ଶିଷ୍ୟଙ୍କୁ ଡାକି କହିଲେ; ଆଜି ଆମେ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ଶିଖିବା।

ସମସ୍ତେ ଜଙ୍ଗଲ ଭିତରକୁ ଗଲେ। ଋଷି ଏକ ଗଛ ତଳେ ବସି ପଡ଼ି ଚନ୍ଦନ କୁ ପଚାରିଲେ ଆଚ୍ଛା; ଏହି ଗଛଟି କଣ କହୁଛି ?"ଚନ୍ଦନ ଆଶ୍ଚର୍ଯ୍ୟ ହେଲା। ସେ କହିଲା; ଗୁରୁଦେବ

"ଗଛ କିଛି କହେନାହିଁ, ।" ଋଷି ମୃଦୁ ହସି କହିଲେ;

ଗଛଟି ଆମକୁ ସହନଶୀଳତା ଓ ଦୟାର ପାଠ ଶିଖାଏ। ଫଳ ଦିଏ, ଛାଇ ଦିଏ, କିନ୍ତୁ କେବେ କିଛି ମାଗେ ନାହିଁ।

ଚନ୍ଦନ ନୀରବ ହୋଇଗଲା । ପରେ ଋଷି ଏକ ଝରଣା ପାଖକୁ ନେଇଗଲେ। ପଚାରିଲେ କୁହ, ଏହି ଝରଣାଟି କଣ ଶିକ୍ଷା ଦିଏ ? ଏବେ ଚନ୍ଦନ ଧୀରେ କହିଲା—ଗୁରୁଦେବ,

ଝରଣା ସଦା ଆଗକୁ ଗତି କରେ, କେବେ ରହେ ନାହିଁ।

ଋଷି କହିଲେ; ଠିକ୍ କଥା। ଜୀବନରେ କେବେ ଅଟକି ରହିବା ଉଚିତ୍ ନୁହେଁ। ଶେଷରେ ଋଷି ଏକ ଶୂନ୍ୟ ମାଟି ପାତ୍ର ନେଇ ଚନ୍ଦନକୁ ପଚାରିଲେ; ଏହି ମାଠିଆ ରେ କିଛି ଜଳ ପୂର୍ଣ୍ଣ କରିପାରିବ କି ?"ଚନ୍ଦନ କହିଲା—ହଁ, ଏହା ଖାଲି ଅଛି। ଋଷି କହିଲେ; ଠିକ୍ ଅଛି "ଯେଉଁଠି ମନ ଶୂନ୍ୟ ଓ ନମ୍ର, ସେଠି ଜ୍ଞାନ ପୂରଣ ହୁଏ। ଯେଉଁଠି ଅହଙ୍କାର ପୂର୍ଣ୍ଣ, ସେଠାରେ ଶିକ୍ଷା ରହି ପାରେନାହିଁ। ଏହି କଥା ଶୁଣି ଚନ୍ଦନର ମୁଣ୍ଡ ନୁଆଁଇ ଗଲା । ସେ ବୁଝି ପାରିଲା ଏବଂ କହିଲା; ଗୁରୁଦେବ, ଆଜି ମୁଁ ସତ୍ୟ ଶିକ୍ଷା ପାଇଲି। ସେହି ଦିନଠାରୁ ଚନ୍ଦନ ନମ୍ର, ପରିଶ୍ରମୀ ଓ ଆଜ୍ଞା କାରୀ ଶିଷ୍ୟ ହେଲା।


+ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭୭୩୧୯୦୩


# ହସିବ ଶିଶୁ ରାଇଜ

## ପ୍ରଶାନ୍ତ କୁମାର ନାୟକ

କି ସୁନ୍ଦର ମୁଖ କି ସୁନ୍ଦର ହସ
ଆହାକି ସୁନ୍ଦର କଥା ,
ଦୁଃଖ ହଜିଯାଏ ସୁଖ ଭରିଦିଏ
ମନେ ଆସେ ମିଠା ଚିନ୍ତା ।।

ସିଏତ ସମ୍ଭାର ସାରା ସଂସାରର
ଶିଶୁ ଯା'କୁ ଆମେ କହୁ ,
ସିଏତ ସଂପତ୍ତି ସାରା ଦୁନିଆର
ସମ୍ଭାବନା ତା'ର ଚାହୁଁ ।।

ନାହିଁ ତା'ର ମୂଲ ସିଏତ ଅମୂଲ୍ୟ
ଭବିଷ୍ୟତ ସିଏ ଦୁନିଆର ,
ତାକୁ ଯଦି ଆମେ ଗଢିବା ଯତନେ
ରଖିବ ଟେକ ସେ ଆମର ।।

ଭଲ ଶିକ୍ଷା ଦୀକ୍ଷା ମିଳିଲେ ତାହାକୁ
ନାଆଁ ତ ରଖିବ ସିଏ ,
ଆଜିସିନା ଶିଶୁ କାଲିର ଭବିଷ୍ୟ
ତା'ପରି ହେବ ବା କିଏ ।।

ଦୋଷ ଲଦିଦେଇ ପିଲାଙ୍କ ଉପରେ
ଖସିଯିବା ଭାରି ସହଜ ,
ସବୁ ଦୋଷ ଯଦି ଆମେ ନେଇଯିବା
ହସିବ ଶିଶୁ ରାଇଜ ।।


+ୟୁନିଟ୍-୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪


# ନ ରହୁ ବିଭେଦ ଆମ

## ନୀଳମଣି ଚାନ୍ଦ

ସେ ଦିନ ଲାଗିଲା କଳି
କିଏ ବଡ଼ ବଡ଼ କିଏ
ସମସ୍ତେ କହିଲେ ବଡ଼
ଅଦ୍ଭୁତ କଥା ଯେ ଇଏ।

ବାୟୁ ତ କହିଲା ମୁଁ
ମେଘ ତ କହିଲା ମୁଁ
ମାଟି ସବୁ ଶୁଣୁଥିଲା
ନ ହୋଇରେ ଊଁ ଚୁଁ ।

ଉତ୍ତାପ କହିଲା 'ମୋତେ
କୁହରେ କେ ଯିବ ବଳି'
ସବୁ ଯୁକ୍ତି ବାଢୁଥିଲେ
ନିଜ ମତେ ଭଳି ଭଳି ।

ପବନ ରହିଲା ଠପ୍
ଧୂସର ଦିଶିଲା ମେଘ
ନିଜ କାମଟି ନ କରି
ଦେଖେଇଲେ ସିଏ ରାଗ ।

ଠିକ୍ ଯେ ଏତିକି ବେଳେ
ଶ୍ରେଷ୍ଠ ଜୀବ ମଣିଷଟି
କହିଲା ତୁମେରେ ଶୁଣ
ଏ କଥାକୁ ଜାଣିଛକି ।

ସ୍ରଷ୍ଟାଙ୍କର ସୃଷ୍ଟି ଆମେ
ଏତେ କିଆଁ କଳିଗୋଳ
କିଏ ବଡ଼ କିଏ ସାନ
ଚାଲେ କଷାକଷି ବଳ ।

ସୁନ୍ଦର ସୃଷ୍ଟିର ପାଇଁ
ସଭିଁଏ କରନ୍ତି କାମ
କିଏ ବଡ଼ କିଏ ସାନ
ନ ରହୁ ବିଭେଦ ଆମ।


+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


# ମନ୍ଦ ଉଦ୍ଦେଶ୍ୟ ପାଇଁ ତଡ଼ା ଖାଇଲା

## ରମେଶ ଚନ୍ଦ୍ର ଦାଶ



ବିଲୁଆଟିଏ ଶିକାର ଖୋଜି ଖୋଜି ହାତୀ ବସାରେ ପହଞ୍ଚିଗଲା । ହାତୀ ବିଲୁଆକୁ ଦେଖି ଅଭିନନ୍ଦନ ଜଣାଇଲା ଓ ତା ଆସିବାର କାରଣ ପଚାରିଲା । ଲାଜରେ ବିଲୁଆ ପ୍ରକୃତ କଥାଟି ଲୁଚାଇ କହିଲା- ମୁଁ ବହୁତ ଦିନ ହେଲା ତୁମକୁ ଦେଖିନଥିଲି, ସେଥିପାଇଁ ଚାଲିଆସିଲି । ହାତୀ ମଧ୍ୟ ତାର କଥାକୁ ବିଶ୍ୱାସ କରିଗଲା । ଅତିଥିଙ୍କୁ କିଛି ଖାଇବାକୁ ଦେବାକଥା । ସେଥିପାଇଁ ହାତୀକୁ ଚିନ୍ତା ମାଡ଼ିବସିଲା । ହାତୀର ଖାଦ୍ୟ ତାଳପତ୍ର କିନ୍ତୁ ବିଲୁଆର ସଂପୂର୍ଣ୍ଣ ଅଲଗା ।

ହାତୀ ନିରାମିଷାଶୀ ହୋଇଥିବାରୁ ତାର ଚାରିପଟେ ଠେକୁଆ, ନେଉଳ, କୁକୁଡ଼ା ଆଦି ପ୍ରାଣୀମାନେ ନିର୍ଭୟରେ ବୁଲନ୍ତି । ସେମାନଙ୍କୁ ଦେଖି ବିଲୁଆ ପାଟିରୁ ଲାଳ ବୋହିଲା । ସେ ହାତୀକୁ କହିଲା- ଏବେ ମୁଁ ମୋର ଖାଦ୍ୟ ବଦଳାଇ ଦେଇଛି । ଘାସପତ୍ରରେ ମୋର ଖାଦ୍ୟ ଚଳାଇନେଉଛି । ଏକଥା ଶୁଣି ହାତୀ ଖୁସି ହୋଇଗଲା । ତେଣୁ ତା ପାଇଁ କଅଁଳିଆ ଘାସ ସଂଗ୍ରହ କରି ଆଣିଲା । ହାତୀ ତାକୁ ଖାଇବାକୁ କହିବାରୁ ସେ ପଛରେ ଖାଇବ ବୋଲି କହିଲା । କିନ୍ତୁ ସେ ପ୍ରକୃତରେ ଘାସକୁ ଲୁଚାଇ ଫିଙ୍ଗିଦେଲା । ଆଉ ତା ପାଖରେ ବୁଲୁଥିବା ଠେକୁଆ ଆଦି ପ୍ରାଣୀମାନଙ୍କୁ ଲୁଚାଇ ଖାଇଲା ।

ଏହିପରି ଗୋଟିଏ ଦିନ ଯିବା ପରେ ହାତୀ ଭାବିଥିଲା ବିଲୁଆ ତା ବସାକୁ ଚାଲିଯିବ । ଏଥିପାଇଁ ସେ କହିଲା- ବନ୍ଧୁ, ତୁମେ ଏତେ ସମୟ ଏଠି ରହିଲଣି । ତୁମ ଘରେ ବ୍ୟସ୍ତ ହେଉଥିବେ । ତାହା ଶୁଣି ବିଲୁଆ ଉତ୍ତର ଦେଲା- ସେମାନେ ସବୁ ତୀର୍ଥ କରିବାକୁ ଯିବାରୁ ମୁଁ ଇଆଡ଼େ ଟିକେ ଚାଲିଆସିଛି ନା । ହାତୀ ନିରୁତ୍ତର ରହିଲା ।

ସବୁଦିନ ଗୋଟିଏ ଜାଗାରେ କଅଁଳିଆ ଘାସ ପଡୁଥିବାର ଗୋଟିଏ ଠେକୁଆ ଦେଖିଲା । ତେଣୁ ସେ ସେଠାକୁ ଆସି ମନଖୁସିରେ ଘାସ ଖାଇଲା । କିନ୍ତୁ ହାତୀ ଅନୁଭବ କଲା ଯେ ତା ଚାରିପଟେ ବୁଲୁଥିବା ଅନ୍ୟ ପ୍ରାଣୀମାନଙ୍କ ସଂଖ୍ୟା କମିବାରେ ଲାଗିଛି । ଏକଥା ଦିନେ ବିଲୁଆକୁ ପଚାରିବାରୁ ସେ କହିଲା- ପ୍ରତ୍ୟେକ ନିଜ ନିଜ କାମରେ ବ୍ୟସ୍ତ ରହୁଥିବାରୁ ସେମାନଙ୍କର ଦେଖାନାହିଁ ।

ଏହାର କିଛିଦିନ ପରେ ଦିନେ ବିଲୁଆ ଫିଙ୍ଗୁଥିବା ଘାସକୁ ଖାଉଥିବା ଠେକୁଆଟି ସହିତ ହାତୀର ଦେଖାହେଲା । ହାତୀ ଠେକୁଆକୁ ତାର ଦେଖାନହେବାର କାରଣ ସଂପର୍କରେ ପଚାରିବାରୁ ଠେକୁଆ କହିଲା- ମୋତେ ତ ମୋର ଖାଦ୍ୟ ଗୋଟିଏ ଜାଗାରେ ମିଳିଯାଉଛି । ତେଣୁ ମୁଁ ଆଉ ଅନ୍ୟଆଡ଼େ ବୁଲିବି କାହିଁକି ? ଅନ୍ୟମାନଙ୍କର ସେମିତି ମିଳୁଥିଲେ ସେମାନେ ବି ସେମାନଙ୍କ ଘରେ ରହୁଥିବେ । ଏକଥାଟିର ଅର୍ଥ ହାତୀ ବୁଝି ନପାରି ବିଲୁଆକୁ ପୁଣି ପଚାରିବାରୁ ସେ ନିରବ ରହିଲା । ଏହା ହାତୀକୁ ଟିକେ ଅଡୁଆ ଲାଗିଲା । ସେ ଠେକୁଆର ଗତିବିଧିକୁ ଲକ୍ଷ୍ୟକଲା । ଦିନେ ଠେକୁଆ ଘାସ ଖାଉଥିବା ସମୟରେ ହାତୀ ସେଠି ପହଞ୍ଚିଗଲା । ହାତୀ ଜାଣିଗଲା ଯେ ସେଠାରେ ଥିବା ଘାସଗୁଡ଼ିକ ହେଉଛି ସେ ନିଜେ ବିଲୁଆକୁ ଦେଉଥିବା ଘାସ । ଏଥର ବିଲୁଆର ଅସଲ ଗୁଣ ଜାଣିବାରେ ତାକୁ ଅସୁବିଧା ହେଲା ନାହିଁ । ତାପରେ ସେ ବିଲୁଆର ଅସଲ ଉଦ୍ଦେଶ୍ୟ ସମସ୍ତଙ୍କୁ କହିଲା । ପରେ ସେଠାର ସବୁ ପ୍ରାଣୀଙ୍କୁ ସେ ଏକାଠି କରି ବିଲୁଆକୁ ତଡ଼ିବା ପାଇଁ ଚେଷ୍ଟାକଲା ଓ ସେଥିରେ ସଫଳ ମଧ୍ୟ ହେଲା । ବିଲୁଆ ତାର ଖରାପ କାମ ପାଇଁ ସେଠାରୁ ତଡ଼ା ଖାଇଲା ।


+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ
ମୋ: ୯୭୭୬୨୩୮୫୨୨


# ସାର୍ଥକ ଦାନ

## ନଗେନ୍ଦ୍ର ନାଥ ପଟ୍ଟନାୟକ



ପରାଧୀନ ଭାରତକୁ ଫିରିଙ୍ଗ ଶାସନ ଶିକୁଳିରୁ ମୁକ୍ତ କରିବାପାଇଁ ଯେଉଁ ମୁଷ୍ଟିମେୟ ଓ ତୁଙ୍ଗ ସଂଗ୍ରାମୀମାନେ ସ୍ୱାଧୀନତା ଆନ୍ଦୋଳରେ ସାମିଲ ହୋଇଥିଲେ ସେମାନଙ୍କ ମଧ୍ୟରୁ ମଦନମୋହନ ମାଲବୀୟ ଥିଲେ ଅନ୍ୟତମ । ଦେଶରେ ସ୍ୱାଧୀନତା ଆନ୍ଦୋଳନ ଦାନା ବାନ୍ଧୁଥିବାବେଳେ ଘଟଣାଟି ଘଟିଥିଲା ବିପ୍ଳବୀ ମଦନମୋହନ ମାଲବୀୟଙ୍କ ଜୀବନରେ । ଥରେ ସେ ଜଣେ ସେଠଙ୍କ ଦ୍ୱାରସ୍ଥ ହୋଇଥିଲେ କିଛିଦାନ ମାଗିବା ଉଦ୍ଦେଶ୍ୟରେ । ସେଠ୍ ଜଣକ ମାଲବୀୟଙ୍କୁ ଦେଖିବାକ୍ଷଣି ପାଛୋଟିନେଲେ ଘର ଭିତରକୁ । ବେଶ୍ ସନ୍ତର୍ପଣରେ ତାଙ୍କୁ ପାଖରେ ବସାଇଲେ। ଆଦର ସମାଦାର କଲେ। ଆଗମନର ଅଭିପ୍ରାୟ ପଚାରି ସେବାସତ୍କାର କରିବାକୁ ଲାଗିଲେ। ସେଠ୍‌ଙ୍କ ପାଖକୁ ଜାକିହୋଇ ବସିଥିଲା ନିଷ୍କପଟ ଛୋଟିଆ ପିଲାଟିଏ। ହାତରେ ତା'ର ଦିଆସିଲି ଭର୍ତ୍ତି ଖୋଳଟିଏ। ଦେଖୁ ଦେଖୁ ପିଲାଟି ସେ ଡିଆସିଲି ଖୋଳ ଭିତରୁ ବାହାର କଲା ଡିଆସିଲ କାଠିଖଣ୍ଡେ । ଗୋଟିଏ ଛୋଟିଆ ଶୁଖା ଡାଙ୍ଗଟିଏ ପଡିଥାଏ ସେଠି ଅଲୋଡା ହୋଇ। ଆଖି ପିଛୁଡାକେ ପିଲାଟି କଣ କଲାନା ସେଇ ଡିଆସିଲି କାଠି ଖଣ୍ଡିକରେ ପୂରାପୂରି ଜଳାଇଦେଲା ସେଇ ଶୁଖିଲା ଡାଙ୍ଗଟିକୁ । ସେଇ ଶୁଖିଲା ଡାଙ୍ଗଖଣ୍ଡିକ ପୋଡିଜାଳି ପାଉଁଶ ହୋଇଗଲା ।

ଏଭଳି ଅଭାବନୀୟ ଦୃଶ୍ୟ ଦେଖି ସେଠ୍ ତାଜୁବ। ଆଖିପିଛୁଳାକେ ତାଙ୍କ ମୁଣ୍ଡକି ପିତ୍ତ ଚହଟିଗଲା। ସେ ରାଗରେ ନିଆଁବାଣ ହୋଇଗଲେ। ରାଗରେ ଫଁ ଫଁ ହୋଇ କ'ଣ ଭାବିଲେ କେଜାଣି ସେଇ ପିଲାଟର କଅଁଳ ଗାଲରେ ଶକ୍ତ ଚାପଡାଟିଏ କଷିଦେଲେ। ଫଳରେ ବିଚରା ପିଲାଟିର ଗାଲ ଟହଟହ ଲାଲ ପଡ଼ିଗଲା । ବିଚରାର ଗାଲଟିରେ ପାଞ୍ଚଆଙ୍ଗୁଳିର ଚିହ୍ନ ଆଙ୍କି ହୋଇଗଲା । କିନ୍ତୁ ମାଲବୀୟଙ୍କ ଏ ଦୃଶ୍ୟ ଭଲ ଲାଗିଲାନି । ସେ ନିଜକୁ ଆଉ ସମ୍ଭାଳି ପାରିଲେନି । ତତ୍କ୍ଷଣାତ ନାରାଜ ମାଲବୀୟ କିଛିକ୍ଷଣ ସେଠଙ୍କୁ ପ୍ରଶ୍ନିଳ ଦୃଷ୍ଟିରେ ଅନେଇ ରହିଲେ। ତା'ପରେ ସେ କହିଉଠିଲେ: 'ସେଠଜୀ ! ଏଇ ନିରୀହ ନିଷ୍କପଟ ପିଲାଟିଏ ଡିଆସିଲି କାଠିଟିଏ ଜଳାଇଦେଲାରୁ ତୁମେ ଶକ୍ତ ଏକ ଚାପଡା ତା' କୋମଳ ଗାଲରେ କଷିଦେଲ। ତୁମ ଭଳି ଥାପଡା ମାରୁଥିବା କଞ୍ଜୁସ ମତେ କି ଦାନଦେବେ ? ସେଇଠୁ ସେଠ୍ କହିଲେ: 'ମହାଶୟ ! ବୋଧହୁଏ ଆପଣ ଜାଣନ୍ତି ନାହିଁ। ଯା ପଛର କାରଣ ମତେହିଁ ଜଣା। ଏବେ ଏବେ ମୁଁ ପଚାଶ ହଜାର ଟଙ୍କାର ଚେକ୍ ଆପଣଙ୍କୁ ଦାନ ଦେଉଛି, ଯାହାକି ମୁଁ ମିତବ୍ୟୟୀ ହୋଇ ପ୍ରତ୍ୟହ ଅଳ୍ପଅଳ୍ପ ଟଙ୍କା ସଞ୍ଚିଥିଲି, ଅଯଥାରେ ପିଲାଟିଦ୍ୱାରା ଜଳାଯାଇଥିବା ଡିଆସିଲିର କାଠିଖଣ୍ଡିକ ପରି । ତୁଚ୍ଛାଟାରେ ପଇସାଟିର ଲୋକସାନ ବି ମତେ ଅସହ୍ୟ ବୋଧହେଲା। ତା'ପରେ ସେଠ୍‌ଜୀ ମାଲବୀଙ୍କ ହାତକୁ ପଚାଶ ହଜାର ଟଙ୍କାର ଚେକଟି ବଢାଇ ଦେଲାବେଳେ ସେଠ୍‌ଙ୍କ ପ୍ରତି ପକ୍ଷପାତ ବିଚାର କରିଥିବା ମାଲବୀୟ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ଖାଲି ସେତିକି ନୁହେଁ, ଲାଜ ସରମରେ ଜଡସଡ ହୋଇ ସେ ମୁଣ୍ଡକୁ ତଳକୁ ପୋତିଦେଲେ ।


+ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର
ଓସ୍କାର ସିଟି, ଲେନ ନଂ-୯ ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮


# ଯତନେ ରଖିବ ସଜାଇ

## ଡକ୍ଟର ଅରୁଣ କୁମାର ପଣ୍ଡା

ରବି କହୁଅଛି ମୋ କଲମ
ବବି କହୁଅଛି ମୋହର
ଟେବୁଲ୍ ଉପରେ ଗୋଟିଏ ଅଛି
ସତରେ ଏଇଟା କାହାର ।

ଗୁରୁଜୀ କହିଲେ କାହାର କୁହ
ଭଲ କରି ମନେ ପକାଇ
ଦି'ଜଣ କହିଲେ ମୋର ମୋର
ଠିଆ ହୋଇ ମୁହଁ ଶୁଖାଇ ।

ଗୁରୁଜୀ ମନରେ ଉପାୟ ପାଞ୍ଚି
କହିଲେ ବ୍ୟାଗ୍ ଫିଟାଅ
ଭଲ କରି ଟିକେ ଦେଖିକି କୁହ
ଅଯଥା ଏ କଳି ତୁଟାଅ ।

ରବି ଅଣ୍ଡାଳିଲା ନିଜ ବ୍ୟାଗ
ଦେଖିଲା କଲମ ନାହିଁଟି
ବବି ଦେଖୁଁ ଦେଖୁଁ କହିଲା ଅଛି
ପାଖରେ ତ ଛବିବହିଟି ।

ଗୁରୁଜୀ ରବିକୁ କଲମ ଦେଲେ
ବବିକୁ କହିଲେ ବୁଝାଇ
ନିଜର ଜିନିଷ ନିଜପାଇଁ ଲୋଡ଼ା
ଯତନେ ରଖିବ ସଜାଇ ।




+ତୋଟାପଡା, ଘଣ୍ଟେଶ୍ୱର
ଜିଲ୍ଲା -ଭଦ୍ରକ ୭୫୬୧୨୯
ମୋବାଇଲ -୯୯୩୭୬୭୨୭୦୮

## କବି ପ୍ରତାପ ମହାନ୍ତ ସମ୍ବର୍ଦ୍ଧିତ

ଘଟଗାଁ , ୧୩/୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ସାଇଁକୁକସ୍ଥିତ ଅନ୍ୱେଷା ସାହିତ୍ୟ ସଂସଦର ୨୬ତମ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ଘଟଗାଁର କବି, ଗାଳ୍ପିକ, ସମାଜସେବୀ ତଥା ଶିଶୁ ସାହିତ୍ୟିକ ପ୍ରତାପ ମହାନ୍ତଙ୍କୁ ଶିଶୁ ସାହିତ୍ୟିକ ସୋମନାଥ ମାଝୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି ! ଧରଣୀଧର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ସଭାରେ ମୁଖ୍ୟ ଅତିଥି ଭାବରେ ମୁମ୍ବାଇ ଓଡ଼ିଆ ମହାସଂଘର ସଭାପତି ଡଃ ବିପିନ ବିହାରୀ ମିଶ୍ର, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ଡଃ ରାମଚନ୍ଦ୍ର ନାୟକ ଏବଂ ମୁଖ୍ୟବକ୍ତା ଭାବରେ ଧରଣୀଧର ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ସୁଧା ଦାଶ ଯୋଗଦେଇ ପ୍ରତାପ ମହାନ୍ତଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛଦେଇ ସମ୍ବର୍ଦ୍ଧିତ କରିଥିଲେ ! ପ୍ରତାପ ମହାନ୍ତ ଏକାଧାରରେ ଜଣେ କବି, ଗାଳ୍ପିକ, ସମ୍ପାଦକ, ସଂଗଠକ ଓ ପ୍ରବଚକ ତଥା ସମାଜ ସଂସ୍କାରକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି।

## ଜଳନ୍ଧର ଦରବାରରେ ପରିବେଶ ସୁରକ୍ଷା ବାର୍ତ୍ତା

ବଲାଙ୍ଗୀର, ୧୩/୨ (ନି.ପ୍ର): ଦେଓଗାଁ ବ୍ଲକ ଉପରଝର ଗ୍ରାମରେ ଗ୍ରାମ୍ୟ କମିଟି ପକ୍ଷରୁ ଆୟୋଜିତ ଜଳନ୍ଧର ଦରବାରର ତୃତୀୟ ସନ୍ଧ୍ୟାରେ ମହାରାଜ ଜଳନ୍ଧର ସ୍ୱର୍ଗପୁର ଆକ୍ରମଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ରେ ଆନ୍ତର୍ଜାତୀୟ କରାଟେ ପ୍ରଶିକ୍ଷକ ତଥା ବଲାଙ୍ଗୀର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସିମ କୁମାର ଭୋଇ ରାଜ ଅତିଥି ଭାବେ ଯୋଗ ଦେଇଥିଲେ। ଉପରଝର ଓ ଆଖପାଖ ଅଂଚଳ ବନଜଙ୍ଗଲ ଘେରା ଅଂଚଳ ହୋଇଥିବାରୁ ପରିବେଶ ସୁରକ୍ଷାର ବାର୍ତା ଦେବା ସଙ୍ଗେ ସମସ୍ତ ନାରୀ ସମାଜ ରାଣୀ ଲକ୍ଷ୍ମୀବାଇ ସଦୃଶ୍ୟ ନିଜକୁ ସୁରକ୍ଷିତ ରଖି ଅନ୍ୟକୁ ସୁରକ୍ଷା ଦେବାକୁ ଯୁବ ସମାଜସେବୀ ଅସିମ ଭୋଇ ବକ୍ତବ୍ୟ ପ୍ରକାଶ କରିଛନ୍ତି। କମିଟି ସଭାପତି ଉତମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଜା ପ୍ରଧାନ, ଦିନେଶ ପ୍ରଧାନ, ରମେଶ ମହାପାତ୍ର, ଈଶ୍ୱର ପ୍ରଧାନ, ସଂଜିବ ପ୍ରଧାନ, ଆଶିଷ ବିଶ୍ୱାଲ, ଯୁବରାଜ ମାଝି, ଉଜ୍ଜଳ ପ୍ରଧାନ, ଅଜିଲ ବିଶ୍ୱାଲ, ବନମାଲି ଭୁଏ ସହଯୋଗ କରିଥିଲେ।

## ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୧୩/୨ (ନି.ପ୍ର): ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ କୁନ୍ଦୁରା ଥାନା ଅନ୍ତର୍ଗତ ଫୁପୁଗାଁ ନିକଟ ମୁଶଳିଯବା ଗ୍ରାମର ସୁବାସ ହରିଜନ (୨୩)। ପୋଲିସ ସୂଚନା ଅନୁଯାୟୀ, ଗତ ୩୧.୧୨.୨୫ ତାରିଖରେ ଜୟପୁର ଲାଲ ସାହିରେ ଥିବା ୱାର୍କସପରୁ ଦୁର୍ବୁତମାନେ ଲକ୍ଷାଧିକ ଟଙ୍କା ଓ କ୍ୟାମେରା ଚୋରି କରିଥିଲେ । ଏନେଇ ଜୟପୁର ଟାଉନ ଥାନାରେ ଗତ ୬.୧.୨୦୨୬ ରେ ୱାର୍କସପର ମାଲିକ ଚନ୍ଦନ କୁମାର ସାହୁ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତ ଠାରୁ ୪୦ ହଜାର ନଗଦ ଟଙ୍କା ଓ ଡିଏସଏଲଆର କ୍ୟାମେରାକୁ ଜବତ କରିଛି । ଗିରଫ ଅଭିଯୁକ୍ତ ଜଣକ ବର୍ତମାନ ଜୟପୁର ସହର ପାରାବେଡା ରହୁଥିଲେ । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି ।

# କାଣ୍ଡବା ନୋଡାଲରେ ବାର୍ଷିକ ଉତ୍ସବ

ଭଦ୍ରକ, ୧୩/୨ (ନି.ପ୍ର): ଭଦ୍ରକ ଜିଲ୍ଲା ଗୋପିନାଥପୁର ପଚାଂୟତ କାଣ୍ଡବା ନୋଡାଲ୍ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସଭାରେ ଉଦ୍‌ଘାଟକ ଭାବେ ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡେଇ,ମୁଖ୍ୟ ଅତିଥି ଭାବେ ଭଦ୍ରକର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ ତାଙ୍କ ବକ୍ତବ୍ୟରେ ପାଠପଢି ବଡ ମଣିଷ ନହୋଇ ଭଲ ମଣିଷ ହେବା ସଙ୍ଗେ ସଙ୍ଗେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପିତା ମାତାଙ୍କ ପ୍ରତି ନିଜର ଦାୟିତ୍ୱ ଓ କର୍ତବ୍ୟ ନିଭାଇବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ମହାପାତ୍ର କହିଲେ,ବିଦ୍ୟାଳୟର ପରିବେଶ ଠିକ୍ ରହିଲେ ଛାତ୍ରଛାତ୍ରୀ ମାନଙ୍କ ପାଠପଢା ପ୍ରତି ଆଗ୍ରହ ବୃଦ୍ଧି ପାଇବ । ଉଚ୍ଚ ନ୍ୟାୟଳୟର ସରକାରୀ ଓକିଲ ମନୋଜ କୁମାର ରାୟ,ଗୋପିନାଥପୁର ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ସାହୁ, ବିଦ୍ୟାଳୟ କମିଟିର ଉପଦେଷ୍ଟା ରବିନ୍ଦ୍ର କୁମାର ଆଇଚ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସଭାକୁ ସମାଜସେବୀ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଉଦ୍‌ଗାତା ଅଧକ୍ଷତା କରିଥିଲେ । ଶିକ୍ଷକ ସୁଧାଂଶୁ ଜେନା ଅତିଥି ପରିଚୟଓ ସ୍ୱାଗତ ଭାଷଣ ରଖିଥିବା ବେଳେ ଶିକ୍ଷୟିତ୍ରୀ ରିତାରାଣୀ ପରିଡା ବିବରଣୀ ପାଠ ଓ ଶେଷରେ ଶିକ୍ଷୟିତ୍ରୀ ବୈଜୟନ୍ତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଛାତ୍ର ପୁଲିସ କ୍ୟାଡେଟ୍ କର୍ମଶାଳା ଆୟୋଜିତ

ମାଲକାନଗିରି, ୧୩/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଧୁଙ୍ଗିଆପୁଟ ପଂଚାୟତର ପାତ୍ରପୁଟ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ର ପୁଲିସ କ୍ୟାଡେଟ୍ କର୍ମଶାଳା ଆଜି ଆୟୋଜିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ବିଭାଗ ନିର୍ଦ୍ଦେଶ କ୍ରମେ ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦିବ୍ୟରଂଜନ ଦଳାଇ ଯୋଗ ଦେଇଥିଲେ। ଗୋବିନ୍ଦପାଲ୍ଲୀ ଏ.ଏସ୍.ଆଇ. ପଦ୍ମନ ପୂଜାରୀ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ। ଶ୍ରୀ ଦଳାଇ କର୍ମଶାଳାରେ ଯୋଗଦେଇଥିବା ୨୨ ଜଣ ଛାତ୍ର ଓ ୨୨ ଜଣ ଛାତ୍ରୀଙ୍କୁ କ୍ୟାଡେଟ୍ କିଟ୍ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିଷ୍ଟାଚାର, ସମୟାନୁବର୍ତିତା, ନାଗରିକ ଦାୟିତ୍ୱ, କର୍ତବ୍ୟନିଷ୍ଠା, ବୃକ୍ଷରୋପଣ ସମାଜସେବା ଆଦି କାର୍ଯ୍ୟକ୍ରମରେ ଜଡ଼ିତ ହେବା ସହ ସମାଜରେ ସଚେତନତା ଜାଗ୍ରତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚକ୍ରଧର ମହାଲିକ ଆୟୋଜିତ କର୍ମଶାଳାକୁ ପରିଚାଳନା କରି ଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନୀଲ୍ କୁମାର ସାହୁ ମଂଚ ପରିଚାଳନା କରିଥିଲେ।ଏହି କାର୍ଯ୍ୟକ୍ରମରେ ଧୁଙ୍ଗିଆପୁଟ ସରପଂଚ ମଧୁସୂଦନ ନାୟକ ଏବଂ ପରିଚାଳନା କମିଟି ସଭାପତି ଧନ ନାୟକ ଓ କର୍ମକର୍ତା ବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ଧୁଙ୍ଗିଆପୁଟ ପଂଚାୟତର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପଂଚାୟତର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଆରକ୍ଷୀ ବିଭାଗ ଆନୁକୂଲ୍ୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମବୋଧ ଜାଗ୍ରତ କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ନେବା କ୍ଷମତା ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ସିୟୁଓରେ 'ଓଡିଶାର ଆଦିବାସୀ ସାହିତ୍ୟ ଓ ସଂସ୍କୃତି' ଉପରେ ଦ୍ୱିଦିବସୀୟ ସେମିନାର ସମାପ୍ତ : କବି ବିଦ୍ୟୁତପ୍ରଭା ଦେବୀଙ୍କ କବିତା ଉପରେ ପୁସ୍ତକ ଉନ୍ମୋଚନ

ଜୟପୁର, ୧୩/୨ (ନି.ପ୍ର): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଓ ଓଡିଶା ସାହିତ୍ୟ ଏକାଡେମିଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ "ଓଡିଶାର ଆଦିବାସୀ ସାହିତ୍ୟ ଓ ସଂସ୍କୃତି" ଶୀର୍ଷକ ଦୁଇ ଦିବସୀୟ ସେମିନାର ୧୨ ଫେବୃଆରୀରେ ବିଶ୍ୱବିଦ୍ୟାଳୟର ପରିସରରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ଅଧିବେଶନରେ "କବି ବିଦ୍ୟୁତପ୍ରଭା ଦେବୀଙ୍କ କବିତା: ନବମୂଲ୍ୟାୟନ" ପୁସ୍ତକର ଉନ୍ମୋଚନ କରାଯାଇଥିଲା। ମୁଖ୍ୟ ଅତିଥି ଓ ପ୍ରଧାନ ବକ୍ତା ଭାବେ ଓଡିଶାକେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଓ ବର୍ତମାନ ୟୁଜିସି ସଦସ୍ୟ ପ୍ରଫେସର ସଚିଦାନନ୍ଦ ମହାନ୍ତି ଉପସ୍ଥିତ ଥିଲେ। ସଭାପତିତ୍ୱ କରିଥିଲେ ସିୟୁଓର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା। ସେ ଆଦିବାସୀ ଜୀବନ ଓ ସଂସ୍କୃତି ଉପରେ ଅଧିକ ପ୍ରକାଶନ ଓ ଲେଖାଜୋଖାର ଆବଶ୍ୟକତା ଉଲ୍ଲେଖ କରି ଭବିଷ୍ୟତରେ ଏପରି ଅଧିକ ସେମିନାର ଆୟୋଜନ କରିବାକୁ ଆହ୍ୱାନ କରିଥିଲେ। ପ୍ରଫେସର ମହାନ୍ତି ତାଙ୍କ ଉଦବୋଧନରେ କହିଥିଲେ ଯେ, କାଳକ୍ରମେ ଅନେକ ଭାଷା ଓ ସଂସ୍କୃତି ନଷ୍ଟ ହେଉଛି, ତେଣୁ ଆଦିବାସୀ ଭାଷା ଓ ସଂସ୍କୃତିର ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ। ସାମାଜିକ ବିଜ୍ଞାନର 'ଲ୍ୟାଙ୍ଗୁଏଜ ଟର୍ଣ୍ଣ' ଓ 'ହିଷ୍ଟୋରିକାଲ ଟର୍ଣ୍ଣ' ବିଷୟରେ ଉଲ୍ଲେଖ କରି ସେ ଆଦିବାସୀ ଅଧ୍ୟୟନକୁ ଏହି ଦୃଷ୍ଟିକୋଣରୁ ବୁଝିବାର ଆବଶ୍ୟକତା ଜଣାଇଥିଲେ। ଔପନେବେଶିକ ପ୍ରଭାବରେ ଆମ ସଂସ୍କୃତି ଅବକ୍ଷୟ ହେଉଛି ବୋଲି ସେ ଉଲ୍ଲେଖ କରି, ଜାତୀୟ ଶିକ୍ଷା ନୀତି (ନେପ୍-୨୦୨୦) ମାଧ୍ୟମରେ ମାତୃଭାଷାରେ ଶିକ୍ଷା ଲାଭର ସୁଯୋଗ ଭାଷା ପୁନରୁଜ୍ଜୀବନରେ ସହାୟକ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। "ଆଦିବାସୀ ସଂସ୍କୃତି ଆମ ସମୂହ ସଂସ୍କୃତିର ଅଖଣ୍ଡ ଅଂଶ, ତେଣୁ ଆମେ ଆଦିବାସୀ ଜୀବନ ଓ ପରମ୍ପରାକୁ ସହାନୁଭୂତି ଓ ସମ୍ବେଦନଶୀଳତା ସହିତ ଦେଖିବା ଉଚିତ," ବୋଲି ସେ କହିଥିଲେ। ଓଡିଶା ସାହିତ୍ୟ ଏକାଡେମିର ପ୍ରଦୀପ କୁମାର ହୋତା ଆଦିବାସୀ ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପ୍ରତି ଏକାଡେମିର ପ୍ରତିବଦ୍ଧତା ଉଲ୍ଲେଖ କରିଥିଲେ। ମଂଚରେ ଏକାଡେମିର ସହାୟକ ସଚିବ ସଞ୍ଜୟ ଛୁଆଲସିଂହ ଓ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ଼ା. ପ୍ରଦୋଶ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଡ଼ା. ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରି ଦୁଇ ଦିବସୀୟ ସେମିନାରର ସାରାଂଶ ପ୍ରତିବେଦନ ଉପସ୍ଥାପନ କରିଥିଲେ। ଦୁଇ ଦିନ ଧରି ପ୍ରାୟ ୫୦ଟି ଗବେଷଣା ପତ୍ର ଆଦିବାସୀ ଜୀବନ, ସାହିତ୍ୟ ଓ ସଂସ୍କୃତିର ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରସ୍ତୁତ ହୋଇଥିଲା। ଏହି ସେମିନାରରେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ, ଶ୍ରୀ ଚିତ୍ରସେନ ପଶାୟତ, ଡ଼ା. ରାଜେନ୍ଦ୍ର କୁମାର ପାଢ଼ୀ, ଡ଼ା. ଆଲୋକ ବରାଳ, ଡ଼ା. ଗଣେଶ ପ୍ରସାଦ ସାହୁ, ଡ଼ା. ରଘୁନାଥ ଓଝା, ଡ଼ା. ସତ୍ୟନାରାୟଣ ଷଡଙ୍ଗୀ ଓ ଲୋକସମ୍ପର୍କ ଅଧିକାରୀ ଡ଼ା. ଫଗୁନାଥ ଭୋଇଙ୍କ ସହିତ ଅନେକ ଶିକ୍ଷାବିତ୍, ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ଡ଼ା. ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ ଓ ବିଭାଗର ଛାତ୍ର ଶାଶ୍ୱତ ଦାଣ୍ଡିଆ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ।

# ବାଲ୍ୟ ବିବାହ ମୁକ୍ତ ଭାରତ ଓ ଲିଙ୍ଗ ନିରୂପଣ ପ୍ରତିବନ୍ଧ ଅଧିନିୟମ ସମ୍ବନ୍ଧରେ ସଚେତନତା ଶିବିର

ନୂଆପଡ଼ା, ୧୩/୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଚଳିତ ଆଶା ଯୋଜନା ଅନ୍ତର୍ଗତ ବାଲ୍ୟ ବିବାହ ମୁକ୍ତ ଭାରତ ଓ ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିଦାନ ପ୍ରକ୍ରିୟା (ଲିଙ୍ଗ ନିରୂପଣ ପ୍ରତିବନ୍ଧ) ଅଧିନିୟମ ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ଧନେଶ୍ୱର ସେଠୀ, ତହସିଲଦାର କୋମନା ସର୍ବେଶ୍ୱର ଜାଲ, ବିଡିଓ ବୋଡ଼େନ ସୁଶାନ୍ତ କୁମାର ରଣା, ବିଡିଓ ସିନାପାଲି କର୍ମୀ ଓରାମ, ତହସିଲଦାର ସିନାପାଲି ଉପାଞ୍ଜଳି ମଲ୍ଲିକ, ତହସିଲଦାର ବୋଡ଼େନ ସନ୍ତୋଷ ଗୁପ୍ତା, ତହସିଲଦାର ନୂଆପଡ଼ା ପ୍ରଣବ ରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଞ୍ଜୟ ଭୋଇ, ଡ୍ରଗ ଇନ୍ସପେକ୍ଟର ପ୍ରସନଜିତ୍ ମହାନ୍ତି, ଡଃ. ସୁରଜ୍ କୁମାର ହୋତା ମେଡିକାଲ୍ ଅଫିସର ଖରିଆର ଚିକିତ୍ସାଳୟ, ଅନ୍ୟାନ୍ୟ ମେଡିକାଲ୍ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅନ୍ୟାନ୍ୟ କର୍ମଚାରୀ ଓ ପ୍ରାଧିକରଣର ଅଧିକାର ମିତ୍ରଗଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଦାଶ ଭ୍ରୁଣର ଲିଙ୍ଗ ନିରୂପଣ ଏକ ଆଇନଗତ ଅପରାଧ ଏବଂ ଏଥିରୁ ନିବୃତ ରହିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ ।

# ୬୧ବର୍ଷ ପରେ ବୋରଭଟା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ପ୍ରେରଣା' ପାଳିତ

ଭବାନୀପାଟଣା, ୧୩/୨ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ବୋରଭଟା ସରକାରୀ ପ୍ରାଥମିକ ବିଦ୍ୟାଳୟ ର ୬୧ବର୍ଷ ପରେ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବ ରେ ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଜୟ କୁମାର ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ହୃଷିକେଶ ନାଏକ, ଜଗଦିଶ ଚନ୍ଦ୍ର ମୁଣ୍ଡ, ବିବେକ ରଞ୍ଜନ ନାଗ, ସ୍ଥାନୀୟ ସରପଂଚ. ବାବୁଲି ବାଗ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ହାଇ ସ୍କୁଲ, ଧନଞ୍ଜୟ ସାହୁ ସି ଆର ସି, ଦୁଷ୍ମନ୍ତ ମାଝୀ, ଲିଙ୍ଗରାଜ ଗହୀର, ଶିକ୍ଷାବିତ ପ୍ରମୁଖ ମଂଚାସିନ ହୋଇଥିଲେ। ଉଦଘାଟନୀ ଉତ୍ସବ ରେ ସ୍କୁଲ ପ୍ରଧାନ ଶିକ୍ଷକ ନିରାକାର ଶବର ପ୍ରାରଂବିକ ଅଭିଭାଷଣ ଏବଂ ବିବରଣୀ ପ୍ରଦାନ କରିଥିଲେ। ଏହି ସ୍କୁଲ ୧୯୬୫ ଜୁନ ୧୯ତାରିଖରେ ପ୍ରତିଷ୍ଠା ଲାଭ ହୋଇଥିଲା। ପରେ ୧୯୭୨ ମସିହା ରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ପାଇଥିଲା.ପ୍ରଥମେ ୪ଜଣ ଛାତ୍ରକୁ ନେଇ ବର୍ତମାନ ୨୬୫ଛାତ୍ର ଛାତ୍ରୀ ଅଧୟନ ରତ। ୫ଜଣ ଶିକ୍ଷକ ଶିକ୍ଷୟତ୍ରୀ ରହିଛନ୍ତି। ଏହି ବିଦ୍ୟାଳୟର ପ୍ରଥମ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।୨୦/୦୮/୨୦୨୫ରେ ବର୍ତମାନର ପ୍ରଧାନ ଶିକ୍ଷକ ନିରାକାର ଶବର ନିଯୁକ୍ତି ହୋଇ ଥିଲେ ଏବଂ ଦୀର୍ଘ ୬୧ବର୍ଷ ପରେ ଏହି ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଥିବାରୁ ପ୍ରଧାନ ଶିକ୍ଷକଙ୍କୁ ମଧ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷା କାର୍ଯ୍ୟକ୍ରମ, ଖାଦ୍ୟ କାର୍ଯ୍ୟକ୍ରମ ଯାହାଜାହା ସବୁ ଠିକ ଭାବରେ ଚାଲୁଥିବା ପ୍ରକାଶ କରିଥିଲେ। ଏହି ବିଦ୍ୟାଳୟକୁ ସ୍ଥାନୀୟ ସରପଂଚଙ୍କ ଭୂମିକା, ସହାୟତାରେ ବିଦ୍ୟାଳୟ କୋଠା, ଇତ୍ୟାଦି ବିକାଶ ମୂଳକ କାର୍ଯ୍ୟକ୍ରମ ସବୁ ଠିକ ଭାବରେ ହୋଇଥିବା ପ୍ରକାଶ। ଅତିଥିମାନେ ଶିକ୍ଷା ଉପରେ ଛାତ୍ର ଛାତ୍ରୀ ଅଭିଭାବକମାନଙ୍କୁ ଠିକ ଉଚିତ ପରାମର୍ଶ ପ୍ରଦାନ କରିଥିଲେ। ଅଂଚଳର ଛାତ୍ର ଛାତ୍ରୀ ମାନଙ୍କ କଳାକୁ ଅନ୍ତର ନିହିତ ଶକ୍ତିଙ୍କୁ ଲୋକଲୋଚନଙ୍କୁ ଆଣିବାର ଏହି କାର୍ଯ୍ୟକ୍ରମ ପ୍ରେରଣା।

# ପଦ୍ମଶ୍ରୀ ଡ଼ଃ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ

କେନ୍ଦ୍ରାପଡ଼ା, ୧୩/୨ (ନି.ପ୍ର): ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଓଡିଆ ଭାଷା ଏହି ଦୁଇଟି ହେଉଛି ଓଡିଶାର ପ୍ରକୃତ ପରିଚୟ । ସମୃଦ୍ଧ ଓଡିଆ ଭାଷା ଆମର ମାତୃଭାଷା ହୋଇଥିବା ବେଳେ ଆଜିର ଯୁବପିଢି ଏହା ବିଷୟରେ ଠିକ ଭାବରେ ଜ୍ଞାନ ଆହୋରଣ କରିପାରି ନାହାଁନ୍ତି। ମଣିଷ ଭଳି ମଣିଷ ହେବା ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ। ସେଥିପାଇଁ ଆମେ ଶିକ୍ଷାଲାଭ କରୁଛେ। ଏହି ଅର୍ଜିତ ଶିକ୍ଷାକୁ ଦେଶ ଓ ଦଶର ଉନ୍ନତି ବିଧାନ ପାଇଁ କାମରେ ଲଗାଇ ପାରିଲେ ତାହାହିଁ ହେବ କଲେଜ ପ୍ରତିଷ୍ଠାତା ଦୀନବନ୍ଧୁ ସାହୁଙ୍କ ପ୍ରତି ସର୍ବଶ୍ରେଷ୍ଠ ସମ୍ମାନ। ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଆଶୀର୍ବଚନ ପ୍ରଦାନ କରି କହିଛନ୍ତି ପ୍ରଖ୍ୟାତ ସାହିତ୍ୟିକ, ଗବେଷକ, ଭାଷା ତତ୍ୱବିତ୍ ଓ ସ୍ତମ୍ଭକାର ପଦ୍ମଶ୍ରୀ ଡ଼ଃ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର। କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ୬୮ତମ ସ୍ୱନକ୍ଷତ୍ର ଦିବସ ଅବସର ରେ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲାପାଳ ରଘୁରାମ ଆର ଆୟାର କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦ୍ ?ଘାଟନ କରିଥିବା ବେଳେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ର ପ୍ରାକ୍ତନ କୁଳପତି ପ୍ରଫେସର ଜୟକୃଷ୍ଣ ବରାଳ ମୁଖ୍ୟ ବକ୍ତା ଓ ପଦ୍ମଶ୍ରୀ ଡ଼ଃ ମିଶ୍ର ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଯୋଗ ଦେଇଥିଲେ। କଲେଜ ପରିସର ରେ ଥିବା ସଭାଗୃହ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପରିଚାଳନା ସମିତିର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ସ୍ୱାଗତ ସମ୍ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରଫେସର ବିଶ୍ୱ ରଂଜନ ପୁହାଣ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସର ରେ କ୍ୟାମ୍ପସ ବୁଲେଟିନ୍ କମ୍ୟୁନିକ-୨୦୨୬କୁ ଉନ୍ମୋଚନ କରାଯାଇ ଥିଲା। ଆଜିର ବାର୍ଷିକ ଉତ୍ସବରେ ପିଏଚଡି ଡିଗ୍ରୀ ହାସଲ କରିଥିବା ୨ଜଣ ଅଧ୍ୟାପକଙ୍କ ସମେତ ୧୧ ଜଣ କୃତୀ ଶିକ୍ଷକ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଏହା ସହ ଗତ ବାର୍ଷିକ ପରୀକ୍ଷାରେ ବିଭିନ୍ନ ବିଭାଗରେ ଟପର ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି, ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକ୍ରମ ରେ ପୂର୍ବତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ଡ଼ଃ ବାସୁଦେବ ଦାସ, ଡ଼ଃ ପ୍ରଦିପ୍ତ କିଶୋର ଦାସ, ଡ଼ଃ ଗିରିଶ ଚନ୍ଦ୍ର ପାତ୍ର, ଡ଼ଃ ତପନ କୁମାର ପତି, ଡ଼ଃ ଶ୍ରୀଧର ସାମଲ, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର ପ୍ରମୋଦ ଦାସ ପ୍ରମୁଖ ବହୁ ପୁରାତନ ଅଧ୍ୟାପକ/ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। କ୍ୟାପଟେନ ସୀମା ମହାନ୍ତି ଓ ଡ଼ଃ ପୂର୍ବାଶା ପ୍ରିୟଦର୍ଶିନୀ ମଂଚ ପରିଚାଳନା କରିଥିବା ବେଳେ ଡ଼ଃ ବାସନ୍ତୀ ଶୁକ୍ଳା, ରାକେଶ କୁମାର ପ୍ରଧାନ, ଅଧ୍ୟାପକ ସୁବ୍ରତ କୁମାର ପାତ୍ର, ହିମାଂଶୁ ମହାପାତ୍ର, ସୁଶ୍ରୀ ଦିପ୍ତୀ ରାୟ ଓ ଡ଼ଃ ଦେବାକାନ୍ତ ଷଡଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିବା ବେଳେ ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ରଂଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପିର ମିଶ୍ରଣ ପର୍ବ: ୨ ଜଣ ସରପଂଚ, ଜଣେ ସମିତି ସଭ୍ୟ ବିଜେପିରେ ସାମିଲ ହେଲେ

ଭୁବନ, ୧୩/୨ (ନି.ପ୍ର): କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୁବନ ବ୍ଲକ ନିଳକଣ୍ଠପୁର ଠାରେ ବିଜେପି ର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ବିଜେଡି ସମର୍ଥିତ ଦୁଇ ଜଣ ସରପଂଚ ଓ ଜଣେ ସମିତି ସଭ୍ୟ ବିଜେପି ଦଳରେ ମିଶିଥିଲେ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମିଶ୍ରଣ ପର୍ବ ରେ ଜିଲ୍ଲା ବିଜେପି ସଭାପତି ରାହାସ ବିହାରୀ ବେହେରା, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ଜିଲ୍ଲା ପ୍ରଭାରୀ ସ୍ମୃତି ପଟ୍ଟନାୟକ, ଢେଙ୍କାନାଳ ଲୋକସଭା ସଂଯୋଜକ ପ୍ରେମାନନ୍ଦ ଜେନା, ଜିଲ୍ଲା ସାଧାରଣ ସଂପାଦକ ମାତୃପ୍ରସାଦ ନନ୍ଦ, ଜିଲ୍ଲା ଉପସଭାପତି ସଞ୍ଜୟ ଦାସ ,ଜିଲ୍ଲା ପରିଷଦ ସଭ୍ୟା ଶିଳାରାଣୀ ସାହୁ,ପୂର୍ବତନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଭୁବନ ବ୍ଲକ ୨ ନମ୍ବର ଜୋନ ଜିଲ୍ଲା ପରିଷଦ ଅନ୍ତର୍ଗତ ବାରୁଆଁ ( ବି) ସରପଂଚ ବୀଣାପାଣି ସାହୁ, ଓଡ଼ିଶ ସରପଂଚ ମୋହନ ମହାନ୍ତ,ଗଡନୃସିଂହ ପ୍ରସାଦ ସମିତି ସଭ୍ୟା ଯଶୋଦା ନାୟକ ଙ୍କ ସମେତ ବାଲିବୋ ର ପୂର୍ବତନ ସରପଂଚ ସନ୍ତୋଷ ଖୁଂଟିଆ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ବେହେରା,ଭୁବନ ଓକିଲ ସଂଘ ର ପୂର୍ବତନ ସଭାପତି ଆଇନଜୀବୀ ଶ୍ରୀକାନ୍ତ ସାହୁ, ଯୁବ ନେତା ଟିଟୁ ଦାସ ଙ୍କ ସମେତ ବିଭିନ୍ନ ପଂଚାୟତ ର କିଛି ଯୋଗାଡିଆ କର୍ମୀ ଆନୁଷ୍ଠାନିକ ଭାବେ ବିଜେପି ରେ ସାମିଲ ହୋଇଥିଲେ । ଜିରାଳ ଜୋନ ସଭାପତି ଅଭୟ ନାୟକ, ବାରୁଆଁ ଜୋନ ସଭାପତି ବୀରେନ୍ଦ୍ର ପ୍ରତାପ ଜେନା, ମହୁଲପାଳ ସଭାପତି ଅଶୋକ ଦତ, ଭୁବନ ଏନ ଏ ସି ମଣ୍ଡଳ ସଭାପତି ଅଜିତ ବିହାରୀ ମିଶ୍ରଣ ପର୍ବ ର ଦାୟିତ୍ୱ ନେଇଥିଲେ । ଶେଷରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ସଂଯୋଜକ ଜଗବନ୍ଧୁ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ବିଜେଡି ର ବନ୍ଧୁ ମିଳନ ଓ ବିଜେପି ର ମିଶ୍ରଣ ପର୍ବ କେବଳ ପଂଚାୟତ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ତେବେ ଏହି ମିଶ୍ରଣ ପର୍ବ ବିଜେଡି ଦଳରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ବ୍ଲକ ବିଜେଡି ସଭାପତି ତଥା ୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଗତ ୪ ତାରିଖ ବୁଧବାର ଦିନ ୨ ନମ୍ବର ଜୋନ କୁନିନ୍ଧା ପଂଚାୟତର ବଡବନ୍ଧ ଠାରେ ବିଜେଡି ଦଳର ବନ୍ଧୁ ମିଳନ ଆଳରେ ପଂଚାୟତ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ପରେ ବିଜେଡି କୁ ଚକମା ଦେଖାଇବା ଉଦ୍ଦେଶ୍ୟରେ ବିଜେପି ଅତର୍କିତ ଭାବେ ମିଶ୍ରଣ ପର୍ବ ଆୟୋଜନ କରିଥିଲା ।

# ଜାତୀୟ କୃମି ନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ

କେନ୍ଦ୍ରାପଡ଼ା, ୧୩/୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି,କେନ୍ଦ୍ରାପଡା ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ଜାତୀୟ କୃମୀ ନାଶକ ଦିବସକୁ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର ଆୟର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ କୃମୀ ନାଶକ ଦିବସରେ ଉପସ୍ଥିତ ଛାତ୍ରୀମାନଙ୍କ ନିମନ୍ତେ କୃମିନାଶକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ମନୋରଞ୍ଜନ ରାଉତ ବକ୍ତବ୍ୟ ରଖିଥିଲେ। ପରେ ପରେ ଜିଲ୍ଲାପାଳ ଛାତ୍ରୀମାନଙ୍କୁ ଗୋଟିଏ ଲେଖାଏଁ ବଟିକା ଖୁଆଇ ଏହି ଜାତୀୟ କୃମୀ ଦିବସକୁ ଶୁଭାରମ୍ଭ କରିଥିଲେ। ପିଲାମାନଙ୍କୁ ଖାଇବାକୁ ଦେବା ପୂର୍ବରୁ ଜିଲ୍ଲାପାଳ ପ୍ରଥମେ ନିଜେ ଖାଇଥିଲେ ଓ ଉପସ୍ଥିତ ସମସ୍ତ ଅଧିକାରୀ ଖାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ସଚ୍ଚିଦାନନ୍ଦ ମିଶ୍ର, ପ୍ରଶାସନିକ ଅଧିକାରୀ ଦିଲ୍ଲିପ କୁମାର ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡ଼ ମନୋରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ସୁଷମା ମହାନ୍ତି, ଫାଇନାନ୍ସିଆଲ୍ ଅଧିକାରୀ ଆଶୁତୋଷ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନ ମଙ୍ଗଳ ଅଧିକାରିଣୀ ରଶ୍ମିମଞ୍ଜରି ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ରଶ୍ମିତା ପରିଡ଼ା, ଏପିଡେମିଓଲୋଜିଷ୍ଟ ଡ଼ ଅଶୋକ କୁମାର ସାହୁ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ, ଭିବିଡି କନ୍ସଲଟାଂଟ ବିରାଟ ରାଜା ପଧାନ, ଆସିଷ୍ଟାଂଟ ମ୍ୟାନେଜର ମମତା ଦାଶ ଏବଂ ସରକାରୀ ଏଏନ୍‌ଏମ୍ ତାଲିମ କେନ୍ଦ୍ରର ଅବସରପ୍ରାପ୍ତ ପ୍ରିନ୍ସିପାଲ ଭାରତୀ ସ୍ୱାଇଁ ଓ ବର୍ତମାନର ପ୍ରିନ୍ସିପାଲ ଇନ୍ ଚାର୍ଜ ଅନୁଜା ନାୟକ, ଟ୍ୟୁଟର ଅନିତା ପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଆଶା କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପ୍ରଥମେ ବିଦ୍ୟାଳୟର ଛାତ୍ରୀ ଜିଜ୍ଞାସା ପ୍ରଦୀପ ପ୍ରଜ୍ୱୋଳନ ସମୟରେ ଶ୍ରୀମଦ୍ ଭଗବଦ୍ ଗୀତା ପାଠ କରିଥିଲେ। ସରକାରୀ ଏଏନ୍‌ଏମ୍ ତାଲିମ କେନ୍ଦ୍ରର ଛାତ୍ରୀ ସ୍ୱାତୀ ସହିତ ଅନ୍ୟାନ୍ୟ ସାଥୀ ସ୍ୱାଗତ ସଙ୍ଗୀତ ଗାଇଥିଲେ। ଡେପୁଟୀ ମ୍ୟାନେଜର ଡ଼ ସୁକାନ୍ତ କୁମାର ପ୍ରଧାନ ସଭା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରାପଡା ଜିଲ୍ଲାକୁ ମିଳିଲା ୭ ନୂଆ ଆମ୍ବୁଲାନ୍ସ

କେନ୍ଦ୍ରାପଡ଼ା, ୧୩/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଜରୁରୀ କାଳୀନ ସ୍ୱାସ୍ଥ୍ୟସେବା ପାଇଁ ୭ ନୂଆ ଆମ୍ବୁଲାନ୍ସ ପ୍ରଦାନ କରାଯାଇ ଥିବା ଜଣାପଡିଛି। ଏଥିରୁ ରାଜକନିକା ସିଏସ୍‌ସିକୁ ଗୋଟିଏ, ଆଳିକୁ ୨ଟି, ପଟ୍ଟାମୁଣ୍ଡାଇ, ରାଜନଗର, ଡେରାବିଶ ଓ ପାଟକୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଟିଏ ଲେଖାଏଁ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଜିଲ୍ଲାରେ ମୋଟ୍ ୩୯ଟି ୧୦୮ ଆମ୍ବୁଲାନ୍ସ ଓ ୨ଟି ବୋଟ ଆମ୍ବୁଲାନ୍ସ ସମୁଦାୟ ୪୧ଟି କାର୍ଯ୍ୟରେ ଲାଗୁଥିବାବେଳେ ସେଥି ମଧ୍ୟରୁ ପୁରୁଣା ଓ ଅକାମୀ ହୋଇ ଯାଇଥିବା ୭ଟି ଆମ୍ବୁଲାନ୍ସ ବଦଳରେ ଏହି ୭ଟି ଆମ୍ବୁଲାନ୍ସକୁ କାର୍ଯ୍ୟରେ ଲଗାଇବା ପାଇଁ ଯୋଗାଇ ଦିଆ ଯାଇଥିବା ଜଣାପଡିଛି।

# ଜୁଆଙ୍ଗ କିଶୋରୀଙ୍କ ଅପପୁଷ୍ଟି ଦୂର ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ରେନବୋ ଡାଏଟ୍ କାର୍ଯ୍ୟକ୍ରମ

କେନ୍ଦୁଝର, ୧୩/୨ (ନି.ପ୍ର): ଜୁଆଙ୍ଗ ଜନ ଜାତିର ଶିଶୁ ଓ କିଶୋରୀମାନଙ୍କ ମଧ୍ୟରେ ପୃଷ୍ଟି ସୁରକ୍ଷା ବୃଦ୍ଧି କରିବା ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ରେନବୋ ଡାଏଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଗୋନାସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୮୨ ଜଣ କିଶୋରୀଙ୍କୁ ନେଇ କ୍ୟାମ୍ପେନ୍ ଅଂଶ ଭାବେ "ଥ୍ରି ମସ୍କେଟିଅର୍ସ ସ୍ୱିଟ୍ ପୋଟେଟୋ " କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଆଇସିଏଆର-ସିଟିସିଆରଆଇ ଭୁବନେଶ୍ୱର ଆଂଚଳିକ କେନ୍ଦ୍ର ମୁଖ୍ୟ ଡ଼ା. ଏମ୍. ନେଦୁନଚେଜିୟନ, କେନ୍ଦୁଝର ଉଦ୍ୟାନକୃଷି ସହାୟକ ନିର୍ଦ୍ଦେଶକ ଜି.ସି. ମେହେର, ପ୍ରଧାନ ବୈଜ୍ଞାନିକ ଏବଂ ପ୍ରଧାନ ଅନୁସନ୍ଧାନକାରୀ ଡ଼ା. ପି. ସେଥୁରାମନ୍ ଶିବକୁମାର, ବିଦ୍ୟାଳୟର ପ୍ରଧାନଶିକ୍ଷକ ତୀର୍ଥାନନ୍ଦ ସେଠୀ ସହ ଆଇସିଏଆର-ସିଟିସିଆରଆଇ ଏବଂ କିଟ୍, ଭୁବନେଶ୍ୱରର ଅଧିକାରୀଗଣ କାର୍ଯ୍ୟକ୍ରମରେ ଉପସ୍ଥିତିରେ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ ଡିଏମଏଫ କେନ୍ଦୁଝରର ବରିଷ୍ଠ ପ୍ରକଳ୍ପ ପ୍ରବନ୍ଧକ ନମିତା ଦାସ। କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସ୍ସ୍ ର ଡାକ୍ତରମାନେ ଶିଶୁମାନଙ୍କୁ ଅପପୁଷ୍ଟି, ରକ୍ତହୀନତା ତଥା ମାଇକ୍ରୋନ୍ୟୁଟ୍ରିଏଂଟ ଅଭାବକୁ ଖାଦ୍ୟ ଆଧାରିତ ପଦକ୍ଷେପ ଦ୍ୱାରା କିପରି ଦୂର କରାଯାଇପାରିବ ସେ ବିଷୟରେ ସଚେତନ କରିଥିଲେ। ଏଥିରେ ପ୍ରତ୍ୟେକ ଛାତ୍ରୀଙ୍କୁ ଧଳା, କମଳା ଏବଂ ଗଦାଯୁକ୍ତ କନ୍ଦମୂଳର ତିନିଟି ଚାରା ଦିଆଯାଇଥିଲା, ଯାହାକୁ ବିଦ୍ୟାଳୟର ପୋଷଣ ଉଦ୍ୟାନରେ ରୋପଣ କରାଯାଇଛି।

# ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଦୁଇ ଦିନିଆ ପାରାଦ୍ୱୀପ ଗସ୍ତ



ପାରାଦ୍ୱୀପ , ୧୩/୨ (ନି.ପ୍ର): ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ,( ଭା ପ୍ର ସେ) ଗତକାଲି ପାରାଦ୍ୱୀପ ଠାରେ ପହଞ୍ଚି ଆଜି ପୂର୍ବାହ୍ନରୁ ବିଭିନ୍ନ ସ୍ଥାନ ଗସ୍ତ କରିଛନ୍ତି। ଶ୍ରୀମତୀ ଗର୍ଗ ପ୍ରଥମେ ପାରାଦ୍ୱୀପର ପ୍ରସ୍ତାବିତ ବ୍ଲୁ ଫ୍ଲାଗ ବିଚରେ ପହଞ୍ଚି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ସହ ତାହାର କାର୍ଯ୍ୟକାରିତା ଓ ସ୍ଥିତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହା ପରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଏବଂ ଦୀର୍ଘକାଳୀନ ସମ୍ପ୍ରସାରଣ ଯୋଜନା ସମୀକ୍ଷା କରିବା ପାଇଁ ବନ୍ଦର ପରିଦର୍ଶନ କରିଥିଲେ। ତାଙ୍କୁ ଓ୍ୱେଟ ବେସିନରେ ସ୍ୱାଗତ କରିଥିଲେ ବନ୍ଦର କର୍ତ୍ତୃପକ୍ଷ ଅଧ୍ୟକ୍ଷ ଶ୍ରୀ ପି ଏଲ ହରାନାଧ, ଉପାଧ୍ୟକ୍ଷ ଟି ଭେନୁ ଗୋପାଲ। ସି ଆଇ ଏସ ଏଫ୍ ୟୁନିଟ୍ ଦ୍ୱାରା ତାଙ୍କୁ ସେରେମୋନିଆଲ ଗାର୍ଡ ଅଫ ଅନର ତାଙ୍କୁ ପ୍ରଦାନ କରାଯାଇଥିଲା। ସେ ବର୍ଥ ପ୍ରସ୍ତୁତି, ଜାହାଜ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା ଏବଂ ସାମୁଦ୍ରିକ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଏକ ଲଞ୍ଚ ଯାତ୍ରା ମଧ୍ୟ କରିଥିଲେ। ପରେ ସମ୍ମିଳନୀ କକ୍ଷରେ ପାରାଦ୍ୱୀପ ବନ୍ଦର ୨.୦ ଭିଜନ, ଗ୍ରୀନ ହାଇଡ୍ରୋଜେନ୍ ହବ, ପ୍ଲାଷ୍ଟିକ ପାର୍କ, ପର୍ଯ୍ୟଟନ ବିକାଶ, କ୍ରୁଜ ଉନ୍ନୟନ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ। ପାରାଦ୍ୱୀପ ବନ୍ଦରକୁ ବିଶ୍ୱରେ ଓଡ଼ିଶା ଅର୍ଥନୀତିର ମୁଖଶାଳା କରି ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏସ ସି ଏସ ଟି ଡେଭଲପମେଣ୍ଟ ବିଭାଗ ଅନ୍ତର୍ଗତ ପାରାଦ୍ୱୀପ ଗଡ଼ ଠାରେ ଥିବା ପାରେଶ୍ୱର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରୀ ମାନଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ। ଅପରାହ୍ନରେ ଆଇ ଓ ସି ଏଲ୍ ପ୍ଲାଣ୍ଟ ପରିଦର୍ଶନ ସହ ସମ୍ମିଳନୀ କକ୍ଷ ରେ ଇଫକୋ, ପି ପି ଏଲ, ଜେ ଏସ ଡବ୍ଲୁ ଆଦି ଶିଳ୍ପ ଅନୁଷ୍ଠାନ ମାନଙ୍କ ସହ ଆଲୋଚନା କରିଥିଲେ। ପାରାଦ୍ୱୀପକୁ ଓଡ଼ିଶାର ଶିଳ୍ପ ସମୃଦ୍ଧ ଅର୍ଥନୀତି ରେ ପରିଣତ କରିବାପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକାରୀ ହେଉଥିବା ଏବଂ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦ୍ୱୀପ ପେଟ୍ରୋ କେମିକାଲ ପ୍ରକଳ୍ପ ବିଷୟ ରେ ଆଲୋଚନା କରିଥିଲେ। ବିଶେଷ କରି ଭୁବନେଶ୍ୱର - କଟକ - ପୁରୀ - ପାରାଦ୍ୱୀପ ଇକୋନୋମିକ ରିଜନ ଉପରେ ଆଲୋକପାତ କରି ଶିଳ୍ପ ଅନୁଷ୍ଠାନ ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ବିକାଶ ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ଶେଷରେ ପାରାଦ୍ୱୀପ ମେ ଫେୟାର ହୋଟେଲ ଏକଷ୍ଟେନସନ୍ ସାଇଟ୍ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଶାସନ ସଚିବଙ୍କ ସହ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆ (ଭା ପ୍ର ସେ), ଜିଲ୍ଲାପାଳ ଶ୍ରୀ ଜେ ସୋନାଲ (ଭା ପ୍ର ସେ), ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା (ଭା ପୋ ସେ),ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବି ନାରାୟଣ ଜେଠୀ, ପୌର ନିର୍ବାହୀ ଅଧିକାରୀ ଶ୍ରୀ ଅଭିଷେକ ପଣ୍ଡା, ଜିଲ୍ଲା ସ୍ତରୀୟ ଅଧିକାରୀ, ଶିଳ୍ପ ଅନୁଷ୍ଠାନ ଗୁଡିକର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଭଦ୍ରକରୁ ୭୪ ତୀର୍ଥଯାତ୍ରୀଙ୍କ "ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା" ଅନ୍ତର୍ଗତ ପୁରୀ ଅଭିମୁଖେ ଯାତ୍ରା



ଭଦ୍ରକ, ୧୩/୨ (ନି.ପ୍ର): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ "ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା–୨୦୨୫-୨୬ ପର୍ଯ୍ୟାୟ ଶୁଭ ଉଦ୍‌ଘାଟନ ଅନୁଷ୍ଠାନ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ହୋଇଛି ନବରଙ୍ଗପୁର ଜିଲ୍ଲାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉକ୍ତ ଯୋଜନାର ଶୁଭ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସରକାରଙ୍କ ଏହି ଯୋଜନା ଅନ୍ତର୍ଗତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଚୟନିତ ତୀର୍ଥଯାତ୍ରୀମାନଙ୍କୁ ସୁବିଧାଜନକ ଭାବେ ଶ୍ରୀକ୍ଷେତ୍ର ପୁରୀକୁ ନେଇ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରାଇବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହାକୁ ଓଡ଼ିଶା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଫ୍ଲାଗସିପ୍ ପଦକ୍ଷେପ ଭାବେ ଗଣ୍ୟ କରାଯାଉଛି। ପର୍ଯ୍ୟାୟ–୧ ଅନ୍ତର୍ଗତ ଭଦ୍ରକ ଜିଲ୍ଲାରୁ ୭୪ ଜଣ ତୀର୍ଥଯାତ୍ରୀଙ୍କ ଯାତ୍ରା ସଫଳ ଭାବେ ସମ୍ପାଦନ ନିମନ୍ତେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରାଯାଇଛି।

## ଓଡ଼ିଶାରେ ନିର୍ମାଣ ହେବ ବର୍ଡରରେ ନିୟୋଜିତ ହେବାକୁ ଯାଉଥିବା ରୋବର୍ଟ ଆର୍ମି

ଭୁବନେଶ୍ୱର, ୧୩/୨ (ନି.ପ୍ର): ଓଡ଼ିଶାରେ ନିର୍ମାଣ ହେବ ବର୍ଡରରେ ନିୟୋଜିତ ହେବାକୁ ଥିବା ରୋବର୍ଟ ଆର୍ମି । ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଆ ଷ୍ଟାର୍ଟଅପ ଆଇଜି ଡ୍ରୋନ ଏହି ରବୋର୍ଟ ଆର୍ମି ନିର୍ମାଣ କରିବ । ଅପରେସନ ସିନ୍ଦୁରରେ ଆଇଜି ଡ୍ରୋନର ଅତ୍ୟାଧୁନିକ ଡ୍ରୋନ ବ୍ୟବହାର ହୋଇଥିଲା । ଯାହା କି ଆମ ପାଇଁ ଗର୍ବର ବିଷୟ । ସେହି କମ୍ପାନୀ ୩୦୦ କୋଟି ର ପୁଞ୍ଜି ନିବେଶ କରିବା ପାଇଁ ଦେଇଥିବା ପ୍ରସ୍ତାବ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି । ଏହା ଦ୍ୱାରା ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ। ଏହି କମ୍ପାନୀ ଜରିଆରେ ମଲ୍ଟି ଡ୍ରୋନ ମ୍ୟାନୁଫ୍ୟାକଚରିଂ କରାଯିବ। ସେଥିରେ ସୁଇସାଇଡିଆଲ ଡ୍ରୋନ, ମିଶାଇଲ, ମିଲିଟାରୀ ରୋବର୍ଟ ଏ ସବୁର ମ୍ୟାନୁଫ୍ୟାକଚରିଂ କରିବେ । ସୁଇସାଇଡିଆଲ ଡ୍ରୋନ ଯାହାକି ଡ୍ରୋନରେ ବିସ୍ଫୋରକ ନେଇ ଆଟାକ୍ କରିବ ସେହିଭଳି ଅତ୍ୟାଧୁନିକ ଡ୍ରୋନ ଓଡ଼ିଶାରେ ତିଆରି ହେବ। ମିଲିଟାରୀ ରୋବର୍ଟ ଏଆଇ ଦ୍ୱାରା ବି ମ୍ୟାନୁଫ୍ୟାକଚରିଂ ହେବ। ମିଲିଟାରୀ ରୋବର୍ଟ ବର୍ଡର ଗୁଡିକ ଜଗିବ। ଏହି ପରି ନୂଆ ଟେକ୍ନୋଲୋଜିର ମ୍ୟାନୁଫ୍ୟାକଚରିଂ ଓଡ଼ିଶାରେ ହେବାକୁ ଯାଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନୂଆ ପିଏମଓ...

ଏବଂ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସମେତ ଅନେକ ପ୍ରମୁଖ ମନ୍ତ୍ରଣାଳୟ କାର୍ଯ୍ୟ କରିବ। ଉଭୟ ବିଲ୍ଡିଂ କମ୍ପ୍ଲେକ୍ସରେ ଡିଜିଟାଲ୍ ସଂଯୁକ୍ତ କାର୍ଯ୍ୟାଳୟ, ସୁବ୍ୟବସ୍ଥିତ ସର୍ବସାଧାରଣ ଯୋଗାଯୋଗ ଜୋନ୍ ଓ କେନ୍ଦ୍ରୀକୃତ ସ୍ୱାଗତ ସୁବିଧା ବା ରିସେପ୍ସନ ବ୍ୟବସ୍ଥା ରହିଛି। ଏହି ବୈଶିଷ୍ଟ୍ୟଗୁଡ଼ିକ ସହଯୋଗ, ଦକ୍ଷତା, ନିରବଚ୍ଛିନ୍ନ ଶାସନ, ଉନ୍ନତ ନାଗରିକ ସମ୍ପୃକ୍ତି ଓ କର୍ମଚାରୀଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବ। ୪-ଷ୍ଟାର ଜିଆରଆଇଏଚଏ ମାନକ ଅନୁଯାୟୀ ପରିକଳ୍ପିତ ଏହି କମ୍ପ୍ଲେକ୍ସଗୁଡ଼ିକରେ ଅକ୍ଷୟ ଶକ୍ତି ବ୍ୟବସ୍ଥା, ଜଳ ସଂରକ୍ଷଣ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା ସମାଧାନ ଓ ଉଚ୍ଚ-କ୍ଷମତା ସମ୍ପନ୍ନ ଅଟ୍ଟାଳିକା ଅନ୍ତର୍ଭୁକ୍ତ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ସହିତ ପରିବେଶ ଉପରେ ପଡୁଥିବା ପ୍ରଭାବକୁ ଯଥେଷ୍ଟ ହ୍ରାସ କରିବ। ବିଲ୍ଡିଂ ପରିସରରେ ସ୍ମାର୍ଟ ଆକ୍ସେସ୍ କଣ୍ଟ୍ରୋଲ ସିଷ୍ଟମ, ସର୍ଭେଲାନ୍ସ ନେଟୱାର୍କ ଓ ଉନ୍ନତ ଜରୁରୀକାଳୀନ ଭିତ୍ତିଭୂମି ଭଳି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ ରହିଛି, ଯାହା ଅଧିକାରୀ ଓ ପରିଦର୍ଶକଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସୁଗମ ପରିବେଶ ନିଶ୍ଚିତ କରିବ ବୋଲି ସରକାର କହିଛନ୍ତି। ସେବା ତୀର୍ଥ ଉଦଘାଟନକୁ ସରକାର ସଂସ୍କାର ଦିଗରେ ଗୋଟିଏ ମାଇଲଖୁଣ୍ଟ ଭାବେ ଚିତ୍ରିତ କରିଛନ୍ତି।

### 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'କୁ ...

ମେଧାବୀ ଛାତ୍ରଛାତ୍ରୀଙ୍କୁ ଡାକ୍ତରୀ ପାଠ ପଢ଼ିବାର ସୁଯୋଗ ଦେବ । ଏହା ସହିତ ଆଜି ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଜିଲ୍ଲାର ଅର୍ଥନୈତିକ ଚିତ୍ର ବଦଳାଇବାରେ ସହାୟକ ହେବ। ଆମ ସରକାର ଆଞ୍ଚଳିକ ବୈଷମ୍ୟ ଦୂର କରି ଓଡ଼ିଶାର ପ୍ରତିଟି ଜିଲ୍ଲାର ବିକାଶ ପାଇଁ ସମାନ ଗୁରୁତ୍ୱ ଦେଉଛି। ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ଏବଂ ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ' ସଂକଳ୍ପରେ ଓଡ଼ିଶାର ଭୂମିକାକୁ ସୁଦୃଢ଼ କରିବା ପାଇଁ ଆମେ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଆଗକୁ ବଢୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ବିଜୟଙ୍କ ରାଲିରେ ପୁଣି ଅଘଟଣ...

ପାଇବାକୁ କାର ଆଗରେ ଭିଡ଼ ଜମାଇଥିଲେ। ଏଥିଯୋଗୁ ବିଜୟଙ୍କ ଡ୍ରାଇଭର ବାଧ୍ୟ ହୋଇ କାର ଅଟକାଇଥିଲେ। ପୁଲିସ୍ ମଧ୍ୟ ଭିଡ଼ ନିୟନ୍ତ୍ରଣ କରିବାରେ ନାକେଦମ ହେଉଥିବା ଭିଡିଓରେ ଦେଖା ଯାଉଛି। ସେହିପରି ଫ୍ୟାନ୍ସ ବିଜୟଙ୍କ ଗାଡ଼ି ଘେରି ଯିବାରୁ ବେଶ କିଛି ସମୟ ସେଠାରେ ଟ୍ରାଫିକ ଚଳାଚଳ ବନ୍ଦ ହୋଇଯାଇଥିଲା। ବିଜୟଙ୍କ ରାଲିରେ ଅଘଟଣ ନୂଆ ନୁହେଁ। ଏହାପୂର୍ବରୁ ଗତବର୍ଷ ବିଜୟଙ୍କ କରୁର ରାଲିରେ ଭୟଙ୍କର ଦଳାଚକଟା ହୋଇଥିଲା। ଏଥିରେ ୪୦ ଜଣ ପ୍ରାଣ ହରାଇଥିବା ବେଳେ ୧୦୦ରୁ ଅଧିକ ଆହତ ହୋଇଥିଲେ। ବିଜୟଙ୍କୁ ଦେଖିବାକୁ ହଜାର ହଜାର ଲୋକ ଏକାଠି ହୋଇଥିବାରୁ ଏପରି ଅଘଟଣ ଘଟିଥିଲେ। ଏହି ଘଟଣାକୁ ନେଇ ରାଜନୀତିକ ବୟାନବାଜୀ ଦେଖିବାକୁ ମିଳିଥିବା ବେଳେ ଏବେ ସିବିଆଇ ଏହାର ତଦନ୍ତ କରୁଛି। ସିବିଆଇ ପକ୍ଷରୁ ମଧ୍ୟ ଏକାଧିକ ଥର ବିଜୟଙ୍କୁ ଜେରା କରାଯାଇଛି।

### ପ୍ରେମ, ପ୍ରତାରଣା ...

ପ୍ରତିଶ୍ରୁତି ଦେବାରୁ ଯୁବତୀ ଅଧିକ ନିକଟତର ହୋଇଥିଲେ। ଏହାର ଫାଇଦା ଉଠାଇ ସୁରେନ୍ଦ୍ର ପୀଡ଼ିତାଙ୍କର କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ନିଜ ପାଖେ ରଖି ନେଇଥିଲେ। ଯାହା ପାଇଁ ସେ ବାରମ୍ବାର ଟଙ୍କା ଦାବି କରୁଥିଲେ। ପୀଡ଼ିତା କିଛିଦିନ ତଳେ କରଜ କରି ୪୦ହଜାର ଟଙ୍କା ଫୋନ୍‌ପେ' ଜରିଆରେ ସୁରେନ୍ଦ୍ରଙ୍କୁ ପଠାଇଥିଲେ। ତଥାପି ସୁରେନ୍ଦ୍ର ଅଧିକ ଟଙ୍କା ଦାବି କରିବାରୁ ପୀଡ଼ିତା ଗତକାଲି ବ୍ରହ୍ମପୁର ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହାକୁ ଭିତ୍ତିକରି ସାଇବର ଥାନାରେ ବିଭିନ୍ନ ଦଫା ସହ କେସ୍ ନଂ ୧୩ରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ଆଜି ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ଆଠମଲ୍ଲିକୁ ଉଠାଇ ଆଣିଥିଲା। ପଚରାଉଚରା ଓ ସାଇଣ୍ଟିଫିକ୍ ତଦନ୍ତ ପରେ ଘଟଣାର ପ୍ରମାଣ ମିଳିଥିଲା। ପରେ ତାକୁ ଗିରଫ କରି ଅପରାହ୍ଣରେ କୋର୍ଟଚାଲାଣ କରାଯାଇଛି।

### କେରଳ ବିଧାନସଭା ...

ସହିତ ଥରୁର କଂଗ୍ରେସ ବିରୋଧୀ ବୟାନ ଦେଉଥିଲେ। କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଶଶୀ ଥରୁରଙ୍କ ଏଭଳି ଆଭିମୁଖ୍ୟ କଂଗ୍ରେସକୁ ଅପମାନଜନକ ପରିସ୍ଥିତିରେ ପକାଉଥିଲା। ଏବେ ନୂଆ ଦାୟିତ୍ୱ ଦିଆଯିବା ପରେ ଶଶୀ ଥରୁର ଖୁସି ଅଛନ୍ତି।

# ରାମନଗର ପାଟଣା ସେବା ସମବାୟ ସମିତିର ଚାଷୀ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର, ୧୩/୨ (ନି.ପ୍ର): ଜଳେଶ୍ୱର ବ୍ଲକ ରାଜପୁର ପଞ୍ଚାୟତ ରେ ଥିବା ରାମନଗର ପାଟଣା ସେବା ସମବାୟ ସମିତି ଚାଷୀ କ୍ରିୟାନୁଷ୍ଠନ କମିଟି ପକ୍ଷରୁ ଅପରାହ୍ନ ଚାରିଟା ସମୟରେ ରାମନଗର ପାଟଣା ସେବା ସମବାୟ ସମିତି ସମ୍ମୁଖରେ ରାଜପୁର ପଞ୍ଚାୟତ ର ପ୍ରାକ୍ତନ ସରପଞ୍ଚ ତଥା ବର୍ତ୍ତମାନ ସରପଞ୍ଚ ଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପରିଡ଼ାଙ୍କ ଆହ୍ୱାନରେ ଚାଷୀ କ୍ରିୟାନୁଷ୍ଠାନ କମିଟିର ସଭାପତି ରବିନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ସରକାରଙ୍କ ନିୟମାନୁଯାୟୀ ଖରିଫ ଚାଷର ଧାନ ବିକ୍ରୟ ପାଇଁ ରାମନଗର ପାଟଣା ସେବା ସମଦାୟ ସମିତି ରାଜପୁର ଆନୁକୂଲ୍ୟରେ ପଞ୍ଜିକୃତ ହୋଇ ସରକାରଙ୍କ ଖାଇଟି କଲ୍ୟାଣ ବିଭାଗ ତରଫରୁ ଟୋକନ୍ ପାଇ ଧାନ କ୍ରୟ ନିମନ୍ତେ ତାରିଖ ଧାର୍ଯ୍ୟ ହୋଇଅଛି ।ମାତ୍ର ଅନୁତାପର ବିଷୟ ଏହିକି ଯେ ଋଷୀମାନଙ୍କ ଠାରୁ ଧାନ କ୍ରୟ ପାଇଁ ସରକାରଙ୍କ ତରଫରୁ ନିଯୁକ୍ତ ଧାନ ମିଲର ସଠିକ୍ ସମୟରେ ଧାନ ଉଠାଣ ନ କରିଥିବାରୁ ଋଷୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଯାଇଛି। ଅଦ୍ୟାବଧି ୪୬୪ ଜଣ ଋଷୀ ପଞ୍ଜିକୃତ ହୋଇଥିଲେ ହେଁ ମାତ୍ର ୯୭ଜଣ ଋଷୀଙ୍କ ଠାରୁ ଧାନ କ୍ରୟ କରାଯାଇଅଛି ଏବଂ ଧାନ ଦେବାର ନିର୍ଦ୍ଦିଷ୍ଟ ଅର୍ଥ ଜମା ଖାତାରେ ପୈଠ ହୋଇନାହିଁ। ପରିଣାମ ସ୍ୱରୂପ ଶହଶହ ଋଷୀ ଘରେ ଧାନ ରଖି ଆର୍ଥିକ ଦୁଃସ୍ଥିତି ମଧ୍ୟରେ ଜୀବନ କାଳାତିପାତ କରୁଛନ୍ତି। ଧାନ ମିଲର ଧାନ ଯଥା ସମୟରେ ନ ନେଉଥିବାରୁ ସରକାରଙ୍କ ନିଷ୍ପତ୍ତି ମୁତାବକ ଆଗାମୀ ମାର୍ଚ୍ଚ ୩୧ ତାରିଖ ଶେଷ ଦିବସ ଧାର୍ଯ୍ୟ ହୋଇଅଛି। ଏ ବାବଦରେ ବହୁବାର ପ୍ରଶାସନିକ ଅଧିକାରୀମାନଙ୍କୁ ଲିଖିତ ଭାବେ ବାରମ୍ବାର ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ।ଏଣୁ ଉପସ୍ଥିତ ଋଷୀମାନେ ଘୋର୍ ଉଦବେଗ ପ୍ରକାଶ କରିବା ସହିତ ଟୋକନ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟରେ ଧାନ କ୍ରୟ କରି ଅର୍ଥ ପୈଠ ନ କଲେ ଆସନ୍ତା ୧୭ ତାରିଖ ମଙ୍ଗଳବାର ଦିନ ରାମନଗର ପାଟଣା ସେବା ସମବାୟ ସମିତି,ରାଜପୁର କାର୍ଯ୍ୟଳୟ ସମ୍ମୁଖରେ ଓ.ଟି ରୋଡ଼କୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଋଷୀମାନେ ଧାନ ବସ୍ତା ସହ ଅବରୋଧ କରିବାକୁ ବାଧ୍ୟ ହୋଇ ଏଭଳିକା କଠୋର ନିଷ୍ପତ୍ତି ନେଇଅଛୁ ବୋଲି ଆଜି ରହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁଷୟା ପ୍ରଧାନ, ମ୍ୟୁନିସିପାଲଟି ଅଧକ୍ଷ ପ୍ରତୀପ କୁମାର ପ୍ରଧାନ,କଂଗ୍ରେସ ନେତା ସୁଦର୍ଶନ ଦାସ, ସିପିଏମ ନେତା ଦିଲ୍ଲୀପ କୁମାର ଗିରି,ସମାଜ ସେବୀ ମଧୁସୁଦନ ଦାସ,ବଜାର କମିଟିର ସଭାପତି ସୁଧୀର କୁମାର ମହାନ୍ତି,ସେବା ସମବାୟ ସମିତିର ସଭାପତି ଦୁର୍ଗାଶଙ୍କର ଭୂୟାଁ,ସେବା ସମବାୟ ସମିତିର ପୂର୍ବତନ ସଭାପତି ହରିଶ୍ଚନ୍ଦ୍ର ଭୂୟାଁ,ବିଜୟ କାମିଲା, ଗଣେଷ ଚନ୍ଦ୍ର ପାତ୍ର,ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି,କାଉନସିଲର ସୁରଜ ଚୌରାଶିଆ,ସେକ ଆବାସ ଅଲ୍ଲୀ,ଆନନ୍ଦ କର, କରୁଣା କର ଭୂୟାଁ ସମେତ ବହୁ ଚାଷୀ ଉପସ୍ଥିତ ରହି ସାମ୍ବାଦିକ ସମ୍ମିଳନୀର ନିଜର ମତାମତ ରଖିଛନ୍ତି।

## ଏଫ୍,ଏମ୍. ବିଶ୍ୱବିଦ୍ୟାଳୟ ଓ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ମଧ୍ୟରେ ପୋଥି ଗବେଷଣା ପାଇଁ ବୁଝାମଣା ପ୍ରତ ସ୍ୱାକ୍ଷରିତ




ବାଲେଶ୍ୱର, ୧୩/୨ (ନି.ପ୍ର): ଅଗଣିତ ତାଳପତ୍ର ପୋଥିରେ ଲୁଚି ରହିଛି ଓଡ଼ିଆ ସାହିତ୍ୟର ଆତ୍ମା। ଅବହେଳା କାରଣରୁ ଓଡ଼ିଶାର ଅସଂଖ୍ୟ ପୋଥିଭାଡ଼ିରେ ଦୁର୍ମୂଲ୍ୟ ପୋଥିମାନ ଉଇ ଓ ରୁଖିଆଙ୍କଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି। ଅନେକ ବ୍ୟକ୍ତି ସଂରକ୍ଷଣ କରିବା ବଦଳରେ ସେସବୁକୁ ପାଣିରେ ଉଝାଇଦେବାକୁ ଅଧିକ ପସନ୍ଦ କରୁଛନ୍ତି। ଲୋକମାନଙ୍କର ମାନସିକତାକୁ ପରିବର୍ତ୍ତନ କରିବା ସଙ୍ଗେସଙ୍ଗେ ଗବେଷଣା ମାଧ୍ୟମରେ ଦୁର୍ମୂଲ୍ୟ ପୋଥିଗୁଡ଼ିକୁ ଉଦ୍ଧାର କରି ତାହାର ଗବେଷଣା କରିବାକୁ ବ୍ରତୀ ହୋଇ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଗବେଷଣା କରିବାରେ ମନୋନିବେଶ କରିଛି। ଫକୀରମୋହନ ବିଶ୍ୱବିଦ୍ୟାଳୟ ମଧ୍ୟ ପୋଥି ସଂଗ୍ରହ ଓ ଗବେଷଣାକୁ ଗୁରୁତ୍ୱ ପ୍ରଦାନ କରି ଗ୍ରନ୍ଥାଗାରରେ ବୋଥି ସଂରକ୍ଷଣ ଓ ଗବେଷଣା କରିବାର ଉଦ୍ୟମ କରୁଛି। ସମମାନସିକତାଯୁକ୍ତ ଏହି ଦୁଇ ଅନୁଷ୍ଠାନ ଶୁକ୍ରବାର ଅପରାହ୍ଣରେ ଏକ ବୁଝାମଣା ପତ୍ରରେ ସ୍ୱାକ୍ଷର କରି ଉଭୟ ଅନୁଷ୍ଠାନ ପୋଥି ଗବେଷଣା କାର୍ଯ୍ୟରେ ପରସ୍ପରକୁ ବିନିଯୋଗ କରିବାର ନିର୍ଣ୍ଣୟ ନେଇଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ଉପସ୍ଥିତିରେ କୁଳସଚିବ କୁକୁମିନା ଦାସ ଓ ଭାଷା ବିକାଶର ସଭାପତି ଡା.ଚୌଧୁରୀ ସତ୍ୟବ୍ରତ ନନ୍ଦ ବୁଝାମଣା ପତ୍ରରେ ସ୍ୱାକ୍ଷର କରି ପାରସ୍ପରିକ ବିନିମୟ କରିଛନ୍ତି। ଏହି ସ୍ୱାକ୍ଷର କାଳରେ ପ୍ରଫେସର ଦେବାଶିଷ ପାତ୍ର ଓ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ସାକ୍ଷୀଭାବରେ ନିଜ ନିଜର ହସ୍ତାକ୍ଷର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଡ. ହରେକୃଷ୍ଣ ମହତାବ ପାଠାଗାରର ନିର୍ଦ୍ଦେଶକ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ, ପ୍ରଫେସର ଜୟନ୍ତ କୁମାର ଦାସ, ପ୍ରଫେସର ମିନତୀ ସେଠୀ, ଭାଷାବିକାଶ ଆନ୍ଦୋଳନ ପକ୍ଷରୁ ଡ. ଶିରୀଶ ଚନ୍ଦ୍ର ଜେନା ଓ ଦୀପକ ବୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ରାଣୀତାଲ ତିଶଳପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭଦ୍ରକ, ୧୩/୨ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ରାହାଞ୍ଚ ପଞ୍ଚାୟତର ତିଶଳପୁର ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଝୁରନବାଳା ଖୁଣ୍ଟିଆଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଭଦ୍ରକର ଡେପୁଟି କଲେକ୍ଟର ଶ୍ରୀଯୁକ୍ତ ଦେବବ୍ରତ ମହାପାତ୍ର ଯୋଗ ଦେବା ସଙ୍ଗେ ସଙ୍ଗେ ବି.ଏନ.ଏ କଲେଜ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ଼ଃ ବିଶ୍ୱରଞ୍ଜନ ଦାଶ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ସେହିପରି ଶିକ୍ଷାବିତ୍ ଭାଗିରଥି ନାୟକ ପାଳିଆ କଲେଜ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଶ୍ରୀଯୁକ୍ତ ସରୋଜ କୁମାର ମହାପାତ୍ର ଆଦାନୀ ଫାଉଣ୍ଡେସନର ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀଯୁକ୍ତ ଭରତ ଚନ୍ଦ୍ର ରାଉତ, କଳିଙ୍ଗ ଟିଭି ର ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ନରେନ୍ଦ୍ର ପ୍ରସାଦ ସାମଲ, ରାହାଞ୍ଚ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ପ୍ରହଲ୍ଲାଦ ପଣ୍ଡା, ରମ୍ଭିଳା ପଞ୍ଚାୟତର ସରପଞ୍ଚ ଶ୍ରୀଯୁକ୍ତ ଗଣେଶ ଚନ୍ଦ୍ର ପଣ୍ଡା, ତିଶଳପୁର ସାଧନ କେନ୍ଦ୍ରର ସି.ଆର.ସି.ସି ଶ୍ରୀଯୁକ୍ତ ଜୟନ୍ତ କୁମାର ଯେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାଧକ୍ଷ ଶ୍ରୀଯୁକ୍ତ ଗୌରୀ ବଲ୍ଲଭ ପାଢ଼ୀ ପ୍ରଭୃତି ଜ୍ଞାନୀଗୁଣୀ ବ୍ୟକ୍ତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଉପଦେଷ୍ଟା ତଥା ଆଲୁମନି କମିଟିର ସଭାଧକ୍ଷ ସ୍ୱର୍ଗତ ମୋଦନ ମୋହନ ପରିଡ଼ାଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟଅତିଥି ଅନାବରଣ କରିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଦ୍ୟାଳର 'ପ୍ରାଚୀର ପତ୍ର' ଓ 'ଚିତ୍ରକଳାପ୍ରାଚୀର ପତ୍ର' 'ତିଶଳୟା -୨୦୨୬'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବତନ ସି.ଆର.ସି.ସି ଶ୍ରୀଯୁକ୍ତ ଚନ୍ଦ୍ରକାନ୍ତ ଶୁକ୍ଳ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବାର୍ଷିକ ଉତ୍ସବ ମଞ୍ଚରେ ରାହାଞ୍ଚ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ପ୍ରହଲ୍ଲାଦ ପଣ୍ଡା ତଥା ଚରମ୍ପା ଅଞ୍ଚଳର ଯୁବ କଣ୍ଠଶିଳ୍ପୀ କୁମାରୀ ଇଷ୍ଟପ୍ରିୟା ଧିନ୍ଦା ଏହି ଦୁଇ ଜଣ ପ୍ରତିଭାଙ୍କୁ 'ତିଶଳୟା ସମ୍ମାନ' ପ୍ରଦାନ କରାଯାଇଥିଲା । ବାର୍ଷିକ କ୍ରୀଡା ଉତ୍ସବରେ କୃତକାର୍ଯ୍ୟ ହୋଇଥିବା ଶିଶୁ ପ୍ରତିଭା ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ବିଦ୍ୟାଳୟର କୁନିକୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ । ପୂର୍ବତନ ସି.ଆର.ସି.ସି ପ୍ରଶାନ୍ତ କୁମାର ବାରିକ, ସୁରେନ୍ଦ୍ର ପଲ୍ଲାଇ, ମୀରାଲକ୍ଷ୍ମୀ ମହାନ୍ତି, ନିରୁପମା ପଣ୍ଡା, ମନୋଜ ଦାସ, ଦୀପକ ନାଏକ, ବଟକୃଷ୍ଣ ମହାପାତ୍ର, ସରୋଜ କୁମାର ବେହେରା ଆଦି ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରିଶେଷରେ ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ବିଜୟ କୁମାର ଶୁକ୍ଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଗଣେଶ କ୍ଲବ ପକ୍ଷରୁ ହନୁମାନ ମହାରାଜଙ୍କ ୧୨ ତମ ବାର୍ଷିକ ଉତ୍ସବ

ବାସୁଦେବପୁର, ୧୩/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସାନ କୃଷ୍ଣପୁର ପଞ୍ଚାୟତର ଗଦି ଗ୍ରାମରେ ଶ୍ରୀ ଶ୍ରୀ ଗଣେଶ କ୍ଲବ୍ ପକ୍ଷରୁ ଶ୍ରୀ ଶ୍ରୀ ହନୁମାନ ମହାରାଜଙ୍କ ୧୨ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ କଳସ ଶୋଭାଯାତ୍ରା,ଘଟ ଉତ୍ତୋଳନ,ଅଧିବାସ, ଅଗ୍ନି ସଂସ୍କାର, ସୂର୍ଯ୍ୟ ପୂଜା, ମନ୍ତ୍ର ପାଠ,ଯଜ୍ଞ, ହନୁମାନ ଚାଳିଶା ପଠନ, ଭଜନ ପ୍ରଭୃତି କାର୍ଯ୍ୟକ୍ରମ କରା ଯାଇଥିଲା। ଏହି ଉତ୍ସବରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶକୁ ହଜାର ହଜାର ଭକ୍ତ ଦର୍ଶନ କରିଥିଲେ। ଏହି ଉତ୍ସବରେ ପ୍ରବଚକ ସୂର୍ଯ୍ୟ ନାରାୟଣ ଦାସଜୀ ମହାରାଜ,କୁନି ପ୍ରବଚକ କେଶବ ଦାସ, ସତ୍ୟଜିତ ପଣ୍ଡା ପ୍ରମୁଖ ପ୍ରବଚନ ଦେଇଥିଲେ। ଅନୁଷ୍ଠାନର ସଭାପତି ସୁବାସ ଚନ୍ଦ୍ର ନାୟକ, ସମ୍ପାଦକ ସୁଧାଂଶୁ ଶେଖର ଜେନା, ସଦସ୍ୟ ଶତ୍ରୁଘ୍ନ ନାୟକ, ଅଶୋକ ନାୟକ, ନରେଶ ବିଶ୍ୱାଳ,ଜଗବନ୍ଧୁ ବିଶ୍ୱାଳ, ସୂର୍ଯ୍ୟୋଦୟ ବିଶ୍ୱାଳ, ରାକେଶ କୁମାର ନାୟକ, ଭରତ କୁମାର ନାୟକ,ସ୍ମୃତି ରଞ୍ଜନ ନାୟକ, ଶରତ ନାୟକ,ପ୍ରଶାନ୍ତ ନାୟକ, କ୍ଷୀରୋଦ ଜେନା,ଜଗବନ୍ଧୁ ରାଉତ ଓ ଅନ୍ୟାନ୍ୟ ସଦସ୍ୟ ତଥା ସମସ୍ତ ଗ୍ରାମବାସୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।



# ବଡାଶରେ କଂଗ୍ରେସର ମିଶ୍ରଣ ପର୍ବ



ବାଲିଆପାଳ , ୧୩/୨ (ନି.ପ୍ର): ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଦଳ ତାଙ୍କର ପତିଆରା ବିସ୍ତାର କରିବାରେ ଲାଗିଛନ୍ତି। ଏହି କ୍ରମରେ କିଛି ଦିନ ହେଲା ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତରେ କଂଗ୍ରେସ ଦଳ ବେଶ ଚର୍ଚ୍ଚାରେ ରହିଛି। କର୍ମୀ ମାନେ ବିଜେଡି ବିଜେପି ଦଳ ଛାଡି କଂଗ୍ରେସକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଗୁରୁବାର ସନ୍ଧ୍ୟାରେ କାଠଶଗଡା ଗ୍ରାମରେ ୯ ନଂ ୱାର୍ଡରେ ଅନାଦି ଚରଣ ପାତ୍ରଙ୍କ ବାସଭବନରେ ସରପଞ୍ଚ ଜଗନ୍ନାଥ ବିଶ୍ୱାଳଙ୍କ ନେତୃତ୍ୱରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ବିଜନ ନାୟକ ଯୋଗଦେଇ ଅନ୍ୟ ଦଳ ଛାଡି କଂଗ୍ରେସରେ ମିଶିଥିବା ୨୦ ପରିବାରର ଶତାଧିକ ଭୋଟରଙ୍କୁ ଦଳୀୟ ଉତ୍ତରୀ ଦେଇ ସ୍ୱାଗତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ବାବାଜୀ ବେହୁରୀ, ନାଏବ ସରପଞ୍ଚ ଅନନ୍ତ କୁମାର ଦାସ, କମଳାକାନ୍ତ ଜେନା ପ୍ରମୁଖ ଯୋଗଦେଇ ତୃଣ ମୂଳ ସ୍ତରରୁ ଦଳକୁ କିପରି ସୃଦୃଢ଼ କରି ଲୋକଙ୍କ ମୌଳିକ ସମସ୍ୟା ଦୂର କରାଯାଇପାରିବ ସେ ବିଷୟରେ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ରାହୁଲ ଗାନ୍ଧୀଙ୍କ ନୀତି ଆଦର୍ଶ ଏବଂ ସ୍ଥାନୀୟ ସରପଞ୍ଚ ଙ୍କ ଲୋକାଭିମୁଖୀ କାର୍ଯ୍ୟ ପାଇଁ କଂଗ୍ରେସ ରେ ମିଶିଥିବା ନୂତନ କର୍ମୀ ଶ୍ରୀନିବାସ ପାତ୍ର, ଗଣେଶ ନାୟକ, ସରୋଜ ନାୟକ, ଅଶୋକ ରାଉଳ, ବନମାଳୀ ରାଉଳ, ଚୈତନ୍ୟ ପାତ୍ର, ଅମୂଲ୍ୟ ନାୟକ, ମନ୍ମଥ ନାୟକ, ରଘୁନାଥ ସାହୁ , ଜୟନ୍ତ କର, ବାବୁରାମ ପାତ୍ର ,ଅନାଦୀ ପାତ୍ର, ନଗେନ କରଣ, ରାଜେନ୍ଦ୍ର ପାତ୍ର,ଶଶୀକାନ୍ତ ଗିରି, ଉପେନ୍ଦ୍ର ପାତ୍ର ପ୍ରମୁଖ କହିଛନ୍ତି।

## ଶିଶିର ହେଲେ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ



ବାରିପଦା, ୧୩/୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଭାବେ ଶିଶିର କୁମାର ମୁଦୁୟା ଦାୟିତ୍ୱ ନେଇଛନ୍ତି। ଏହାସହ ବାରିପଦା ଉପଖଣ୍ଡର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ୨୦୨୪ ବ୍ୟାଚ୍ ର ଓଡ଼ିଶା ସୂଚନା ସେବା (ଓଆଇଏସ୍) ଅଧିକାରୀ ଶ୍ରୀ ମୁଦୁୟା କହିଛନ୍ତି ଯେ ସରକାରଙ୍କ ପ୍ରତିଟି ଯୋଜନାକୁ ଗଣମାଧମ ମାଧମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ କରିବେ। ସେହିପରି ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ ଓ ଲୋକାଭିମୁଖୀ ପଦକ୍ଷେପ ସହିତ ଲୋକଙ୍କୁ ଯୋଡ଼ିବେ। ଅଭିନବ ଶୈଳୀରେ ଜିଲ୍ଲାର ପରମ୍ପରା ଓ ସଂସ୍କୃତିକୁ ସୁଦୂରପ୍ରସାରୀ କରିବାକୁ ମନୋନିବେଶ କରିବେ ବୋଲି ସେ କହିଛନ୍ତି।

# ନୀଳମଣି ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

■ଖୁବଶୀଘ୍ର ଖୋଲିବ ପିଜି ପାଠ୍ୟକ୍ରମ
■ଦୁଇ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ



ବାଲେଶ୍ୱର, ୧୩/୨ (ନି.ପ୍ର): ରୂପସା ନୀଳମଣି ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଆଜି ଥିଲା ତୃତୀୟ ଦିବସ । ମୁଖ୍ୟ ଅତିଥି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ ମହାବିଦ୍ୟାଳୟରେ ଖୁବ ଶୀଘ୍ର ପିଜି ପାଠ୍ୟକ୍ରମ ଖୋଲିବ ବୋଲି ବକ୍ତବ୍ୟରେ କହିଥିଲେ । ଜନ୍ମଦାତ୍ରୀ, ମାତୃଭୂମିକୁ କେବେବି ଭୁଲିବା ନାହିଁ ବୋଲି ସେ ଆହ୍ୱାନ ଦେଇଥିଲେ । ଏହି ସମାରୋହରେ ଅଧକ୍ଷତା ଡ. ତପନ କୁମାର ବେହେରା ଅଧକ୍ଷତା ମହାବିଦ୍ୟାଳୟର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଦିଗପହଣ୍ଡି ବିଧାୟକ ତଥା ଚଳଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇ ପ୍ଲାଷ୍ଟିକ ବ୍ୟବହାରକୁ ନିଷେଧ ଦିଗରେ ଗୁରୁତ୍ୱାରୋପ କରିଥିଲେ । ପରିବେଶ ସୁରକ୍ଷା, ବୃକ୍ଷରୋପଣ, ଜଳ ସଂରକ୍ଷଣ ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ । ଛାତ୍ର ଛାତ୍ରୀଙ୍କ ସହ ତାଙ୍କର ସଂଗୀତ ପରିବେଷଣ ଓ ସଂଳାପ ସମସ୍ତଙ୍କ ମନକୁ ଛୁଇଁଥିଲା । ସମ୍ମାନିତ ଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇ ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପିଏମ ଉଷା ଯୋଜନାରେ ୫ କୋଟି ଓ ରାଜ୍ୟ ସରକାର ୮୦ ଲକ୍ଷ ଅନୁଦାନ ଦିଆଯାଇଥିବା କହିଥିଲେ । ଏଥିସହ ଶିକ୍ଷାନୁଷ୍ଠାନର ଗାରିମା ବଜାୟ ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଅଧ୍ୟାପକ ଚନ୍ଦନ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ ଶ୍ରେଣୀଗୃହ ଓ ବିଜ୍ଞାନଗାର ଏବଂ ଧ୍ୟାନମୂଳକ ଶିକ୍ଷା ଶ୍ରେଣୀଗୃହର ଶିଳାନ୍ୟାସ କରିଥିଲେ । ଏହି ଅବସରରେ ଟପ୍ପର ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କଣ୍ଠଶିଳ୍ପୀ କୁଲଦୀପଙ୍କ ସଂଗୀତରେ ସମସ୍ତେ ବିଭୋର ହୋଇଯାଇଥିଲେ ।

# ଇନ୍ଦ୍ରାଣୀ ବାନାର୍ଜୀ କବିଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ




ଭଦ୍ରକ, ୧୩/୨ (ନି.ପ୍ର): ସ୍ୱର୍ଗତଃ ଇନ୍ଦ୍ରାଣୀ ବାନାର୍ଜୀ କବିଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କର ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।ଏହି ଉପଲକ୍ଷେ ଇନ୍ଦ୍ରାଣୀଙ୍କର ସ୍ୱାମୀ କାତାର ଓଡ଼ିଆ ସଂଘ 'ଉତ୍କଳିକା'ର ସଭାପତି ଡଃ. ବସନ୍ତ କୁମାର କବିଙ୍କର ଭଦ୍ରକ ଜିଲ୍ଲାସ୍ଥିତ ରାହାଞ୍ଜ ବାସଭବନ ଠାରେ ଆୟୋଜିତ ଏକ ସମାରୋହରେ ତାଙ୍କର ଶତାଧିକ ପରିବାର ବର୍ଗ, ବନ୍ଧୁବାନ୍ଧବ, ସମ୍ପର୍କୀୟ ଓ ଶୁଭେଚ୍ଛୁ ମାନଙ୍କର ସମାଗମ ଘଟିଥିବା ଦେଖିବାକୁ ମିଳିଥିଲା। ଏହି ପ୍ରାର୍ଥନା ସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ବିଶେଷ ସ୍ୱର୍ଗତଃ କବିଙ୍କର ଆଦର୍ଶ ଜୀବନ ଓ ଉତ୍କର୍ଷ ଦର୍ଶନର ସ୍ମୃତି ଚାରଣ କରିବା ସହିତ ତାଙ୍କର ଅମର ଆତ୍ମାର ସଦ୍ଗତି ଏବଂ ଚିରଶାନ୍ତି କାମନା କରିଥିଲେ। ସ୍ୱର୍ଗତଃ ଇନ୍ଦ୍ରାଣୀ ଏକ ବହୁମୁଖୀ, ଉଚ୍ଚ ପଦାଧିକାରୀ ଓ ଉଜ୍ଜ୍ୱଳ ବ୍ୟକ୍ତିତ୍ୱର ଅଧୀକାରିଣୀ ଥିଲେ। ତାଙ୍କର ନିଷ୍ଠା, ସାଧନା,ସତ୍ୟ,ନ୍ୟାୟ ଓ ଧର୍ମପରାୟଣା ପରି ମାନବୀୟ ଗୁଣାବଳୀ ଅନନ୍ୟ ଓ ଅତୁଳନୀୟ ଥିଲା। ସ୍ୱର୍ଗତଃ ଇନ୍ଦ୍ରାଣୀଙ୍କର ଅସାଧାରଣ ପ୍ରତିଭା ଓ ଅସାମାନ୍ୟ ପାରଦର୍ଶିତାକୁ ଆଧାର କରି ତାଙ୍କର ସ୍ୱାମୀ ଡଃ. ବସନ୍ତ କୁମାର କବିଙ୍କ ଦ୍ୱାରା ଲିଖିତ ଇଂରାଜୀ ଉପନ୍ୟାସ 'ରେଲ ଟୁ ରେମିନିସେନ୍ସ ଆନ ଏଟରନାଲ ଭଏଜ ଉଇଥ ଇନ୍ଦ୍ରାଣୀ', ନଣନ୍ଦ ସୁନାମଧନ୍ୟ କବୟତ୍ରୀ ସାବିତ୍ରୀ କବିଙ୍କ ରଚିତ ଓଡ଼ିଆ ପୁସ୍ତକ 'ଲୁହର ସମୁଦ୍ରରେ ଇନ୍ଦ୍ରାଣୀ ଓ ସ୍ମୃତି ସମ୍ବଳିତ ଇଂରାଜୀ ସ୍ମରଣିକା "ଇନ୍ଦ୍ରାଣୀ: ଦ ରାଡିଆଂଟ ଷ୍ଟାର ଇନ୍ ଦ ସ୍କାଏ" ଆଦିକୁ ଆମନ୍ତ୍ରିତ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଖ୍ୟାତ ସାରସ୍ୱତ ସାଧକ ପବିତ୍ର ପାଣିଗ୍ରାହୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉଦ୍ଘାଟକ ଭାବରେ ପ୍ରଖ୍ୟାତ ସାହିତ୍ୟିକ ଦାଶ ବେନହୁର,ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡଃ. ଅରୁନ୍ଧତୀ ଦେବୀ, ଭଦ୍ରକ ପୌରପାଳିକାର ଅଧକ୍ଷା ଗୁଲ୍ମକୀ ଦଲାଓ୍ୱଜୀ ହବିବ, ପ୍ରସିଦ୍ଧ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ, ପ୍ରତିଷ୍ଠିତ ସାହିତ୍ୟିକ ଅରୁଣୋଦୟ ଖିଲାର,ପ୍ରତିରକ୍ଷାବିତ କର୍ଣ୍ଣେଲ ଶେଖର ସ୍ୱାଇଁ ଏବଂ ସୁପ୍ରସିଦ୍ଧ ଗାଳ୍ପିକ ରଜନୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ କବିଙ୍କୁ ଭାବ ବିହ୍ୱଳ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଅଶୋକ କବି ସୁଚାରୁ ରୂପେ ସଂଯୋଜନା ଓ ସଂଚାଳନା କରିଥିଲେ। ସନ୍ଧ୍ୟାବେଳେ ଉଦୀୟମାନ ଭଜନ ଗାୟକ ଜଗବନ୍ଧୁ ମୁଦୁଲି ଓ ସାଥୀ ସୁମଧୁର ଭଜନମାନ ପରିବେଷଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ସ୍ୱର୍ଗତଃ ଇନ୍ଦ୍ରାଣୀଙ୍କର ରୁଚିକୁ ଆଧାର କରି ବିଭିନ୍ନ କିସମର ସ୍ୱାଦିଷ୍ଟ ବ୍ୟଞ୍ଜନ ଉଭୟ ମଧ୍ୟାହ୍ନ ଓ ରାତ୍ର ଭୋଜନରେ ଅତିଥି ଅଭ୍ୟାଗତମାନଙ୍କୁ ପରଷା ଯାଇଥିଲା। ଇନ୍ଦ୍ରାଣୀଙ୍କର ପିତା ଆଶୀଷତରୁ ବାନାର୍ଜୀ ଓ ମାତା ସୁମିତା ବାନାର୍ଜୀ ତଥା ସମଗ୍ର କବି ପରିବାର ବର୍ଗ ଆୟୋଜନରେ ମୁଖ୍ୟ ଭୂମିକା ନିର୍ବାହ କରିବା ସହିତ ଆଗନ୍ତୁକ ମାନଙ୍କ ନିକଟରେ ଉପସ୍ଥିତି ଓ ସମର୍ଥନ ପାଇଁ କୃତଜ୍ଞତା ଅର୍ପଣ କରିଥିଲେ।

# ଶ୍ରୀଦାମଡ଼ିହି ଗ୍ରାମର ଦୁଃଖ: ନାହିଁ ସବୁଦିନିଆ ରାସ୍ତା, ଖଟିଆରେ ବୁହା ହେଉଛନ୍ତି ରୋଗୀ



ଉଦଳା, ୧୩/୨ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ଏପରି ଅଂଚଳ ଆଜିବି ଦେଖିବାକୁ ମିଳୁଛି, ଯେଉଁ ଗ୍ରାମକୁ ସବୁଦିନିଆଁ ରାସ୍ତା ନାହିଁ । ଖୁଂଟା ବ୍ଲକ ଅନ୍ତର୍ଗତ ଢ଼େଙ୍ଗାମ ପଂଚାୟତ ମଧ୍ୟରେ ଥିବା ଶ୍ରୀଦାମଡ଼ିହି ଏପରି ଏକ ଗ୍ରାମ ଅଟେ । ଏହା ରାଜସ୍ୱ ଗ୍ରାମ ଢ଼େଙ୍ଗାମର ପଡ଼ା ଗ୍ରାମ ଭାବରେ ପରିଗଣିତ ହୋଇଥାଏ । ଏହି ଗ୍ରାମରେ ୨୦ ଗୋଟି ଆଦିବାସୀ ପରିବାର ବସବାସ କରିଆସୁଛନ୍ତି । ଉକ୍ତ ଗ୍ରାମକୁ ରାସ୍ତା ନଥିବା ଯୋଗୁଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବିଶେଷ କରି ବର୍ଷା ଦିନରେ ଏହି ଗ୍ରାମକୁ ଯାତାୟତ ପୁରା ବନ୍ଦ ହୋଇ ଯାଇଥାଏ । ଦରକାର ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଏହି ଗ୍ରାମକୁ ଆସିପାରେ ନାହିଁ । ରୋଗୀଙ୍କୁ ଚିକିତ୍ସା ପାଇଁ ଡ଼ାକ୍ତରଖାନା ଆଣିବାକୁ ହେଲେ ପ୍ରାୟ ୫ କିମି ରାସ୍ତା ଖଟିଆରେ ବହିବାକୁ ପଡ଼ିଥାଏ । ଏହି ଗ୍ରାମକୁ ଏକ ସବୁଦିନିଆଁ ରାସ୍ତା ପାଇଁ ଗ୍ରାମବାସୀ ମାନେ ବାରମ୍ବାର ଦାବି ଜଣାଇଛନ୍ତି । ଜନଜାଗୃତି ମଂଚର ସଦସ୍ୟ ମାନେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତୃପକ୍ଷଙ୍କୁ ଅନୁରୋଧ ଜଣାଇଛନ୍ତି ।

# ବିଦ୍ୟୁତ ବିଭାଗ ପକ୍ଷରୁ ତହସିଲଦାରଙ୍କ ଉପସ୍ଥିତିରେ ଜମି ମାଲିକଙ୍କୁ ଦେଢ଼ ଲକ୍ଷ ଟଙ୍କା ପ୍ରଦାନ




ବସ୍ତା , ୧୩/୨ (ନି.ପ୍ର): ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃର ଓଡିଶା ପାୱାର ଟ୍ରାନ୍ସମିସନ କର୍ପୋରେଟନ ଲିମି ଟେଡ ଦ୍ୱାରା ବାଲେଶ୍ୱରର ଇଏଚଟି (ଓ ଏଣ୍ଡ ଏମ) ଡିଭିଜନ ଅନ୍ତର୍ଗତ ୧୩୨ କେଭି ବାଲେଶ୍ୱର-ବସ୍ତା ଏସସି ଲାଇନର ସ୍ଥାନ ନମ୍ବର ୯୮ (ପି ସି +୬) ରେ ଗୋଟିଏ ପି ସି +୬ ଟାୱାର ନିର୍ମାଣ ପାଇଁ ଜମି ମାଲିକଙ୍କୁ ଆର ଓ ଡବ୍ଲ୍ୟୁ କ୍ଷତିପୂରଣ ପ୍ରଦାନ କରା ଯାଇଛି।ଚିଠି ସଂଖ୍ୟା ଟିଏଲ- ୧୪-୨୦୨୬/୧୭୩ ତାରିଖ ୦୩.୦୨ .୨୦୨୬,ଜି ଏମ (ବିଦ୍ୟୁତ ବିଭାଗ),ଇଏଚଟି(ଓ ଏଣ୍ଡ ଏମ) ସର୍କଲ,ଯାଜପୁର ରୋଡ ସ୍ଥିତ ଓଡିଶା ପାୱାର ଟ୍ରାନ୍ସମିସନ କର୍ପୋ ରେଟନ ଲିମିଟେଡଙ୍କ ଉପ-ସାଧାରଣ ପରିଚାଳକଙ୍କ କାର୍ଯ୍ୟାଳୟ ନିର୍ବାଚନ। ଇଏଚଟି (ଓ ଏଣ୍ଡ ଏମ୍) ବିଭାଗ ବାଲେଶ୍ୱର ଦ୍ୱାରା ଇ ଏଚଟି (ଓ ଏଣ୍ଡ ଏମ) ଡିଭିଜନ ଅଧୀନରେ ଜଳକା ନଦୀ କୂଳ ନିକଟରେ ମାଟି କ୍ଷୟରୁ ଟାୱାରକୁ ସୁରକ୍ଷା ଦେବା ପାଇଁ ୧୩୨ କେଭି ବାଲେଶ୍ୱର-ବସ୍ତା ଏସ.ସି ଲାଇନର ସ୍ଥାନ ନମ୍ବର ୯୮ (ପିସି+୬) ରେ ପିସି+୬ କାଉରର ଗୋଟିଏ ନମ୍ବର ନିର୍ମାଣ କରାଯାଉଛି। ଜମି ଚିହ୍ନଟ ହେବା ପରେ ଏହା ବ୍ୟକ୍ତିଗତ ଜମି ହୋଇଥିବାରୁ ଆରଆଇ ମାଥାନିଙ୍କ ଉପସ୍ଥିତିରେ ଜମି ମାଲିକଙ୍କ ସହ ଆଲୋଚନା ପରେ ୧,୫୦, ୦୦୦/- (ଟଙ୍କା ଏକ ଲକ୍ଷ ପଚାଶ ହଜାର ମାତ୍ର) କ୍ଷତିପୂରଣ ରାଶି ପ୍ରଦାନ କରାଯିବାକୁ ସ୍ଥିର କରା ଯାଇଥିଲା। ଏହି ପରିପ୍ରେକ୍ଷୀରେ,ଓପିଟିସିଏଲର ସକ୍ଷମ କର୍ତ୍ତୃପକ୍ଷ ଙ୍କ ଅନୁମୋଦନ ପରେ,ଆଜି ବସ୍ତା ତହସିଲଦାର ସୁଶାନ୍ତ କୁମାର ପଟନାୟକଙ୍କ ଉପସ୍ଥିତରେ ଜମି ମାଲିକ ଦୁର୍ଗା ଟୁଡୁଙ୍କୁ କ୍ଷତିପୂରଣ ବାବଦକୁ ରାଶି ପ୍ରଦାନ କରାଯାଇଥିଲା।

## AFFIDAVIT

By virtue of an affidavit before the executive Magistrate Balasore, I, Sri Kanhu Charan Bera, aged about 70 years, S/o- late Gunadhar Bera, resident of vill/ Po.- Dublagadi, P.s.- Basta, Dist- Balasore declare that my name has been inadvertantly mentioned in certain legal documents as Sudhanshu Sekhar Bera and Kanhu Charan Bera. Both Kanhu Charan Bera and Sudhanshu Sekhar Bera are one and same person.

**Kanhu Charan Bera**

# ନୀଳଗିରି ସ୍ୱର୍ଣ୍ଣଚୂଡ ପାହାଡ଼ରେ ନିଆଁ: ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବିଭାଗ



ନୀଳଗିରି , ୧୩/୨ (ନି.ପ୍ର): ପାହାଡ଼ ଓ ଜଙ୍ଗଲ ପରିବେଷ୍ଟିତ ନୀଳଗିରି ଉପଖଣ୍ଡରେ ଗ୍ରୀଷ୍ମଋତୁ ଆସିଲେ ନିଆଁ ଲାଗିବାର ସମ୍ଭାବନା ଅଧିକ ଥାଏ। ବିଶେଷକରି ସ୍ୱର୍ଣ୍ଣଚୂଡ଼ ପାହାଡ଼, କୁଲଡ଼ିହା ଅଭୟାରଣ୍ୟ ସମେତ ତିନିକୋଶିଆ ଜଙ୍ଗଲରେ ପତ୍ରଝଡ଼ା ପରେ ଅଧିକତର ନିଆଁ ଲାଗିଥାଏ। ଚଳିତବର୍ଷ ଗ୍ରୀଷ୍ମଋତୁର ପ୍ରାକ ଆଗମନରେ ପ୍ରଥମେ ମିରିଗିଣୀ ନିକଟସ୍ଥ ଖଣ୍ଡିଆହୁଡ଼ିରେ ପାହାଡ଼ ପାଦଦେଶରେ ନିଆଁଲାଗିଥିବା ଦେଖିବାକୁ ମିଳିଥିବା ବେଳେ ଆଜି ନୀଳଗିରି ସ୍ୱର୍ଣଚୁଡପାହାଡ଼ର ପାଦଦେଶରେ କେହି ଜଣେ ଦୁର୍ବୃତ୍ତ ନିଆଁ ଲଗାଇବା ଯୋଗୁଁ ସ୍ୱର୍ଣ୍ଣଚୂଡ଼ ପାହାଡ଼ରେ ହୁତୁ ହୁତୁ ହୋଇ ଜଳୁଥିବାର ଦେଖିବାକୁ ମିଳିଥିଲା। ଫଳରେ ପାହାଡ଼ର ପାଦଦେଶରେ ଥିବା ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ନୀଳଗିରି ବନଅଧିକାରୀ ମନୱାର ଖାଁ ଏବଂ ଅନ୍ୟକର୍ମଚାରି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାପାଇଁ ଅଗ୍ନିଶମବାହିନୀର ସହାୟତା ନେଇଥିଲେ।ସଙ୍ଗେସଙ୍ଗେ ନୀଳଗିରି ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଜଙ୍ଗଲରେ ଅନେକ ପ୍ରକାର ଜୀବଜନ୍ତୁ , ମୂଲ୍ୟବାନ ଗଛଲତା ଥିବାରୁ ନିଆଁଲାଗିବା ଫଳରେ ଅନେକ ଜୀବଜନ୍ତୁ ମୃତ୍ୟୁବରଣ କରିବା ସହିତ ଔଷଧୀୟ ବୃକ୍ଷ,ମୂଲ୍ୟବାନଗଛ ନଷ୍ଟହେବା ସହ ପରିବେଶ ପ୍ରଦୂଷଣ ହୋଇଥାଏ। ଏଣୁ ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ବନବିଭାଗ ତରଫରୁ ଅଞ୍ଚଳବାସୀଙ୍କୁ ନିବେଦନ କରାଯାଇଛି।

# ବଙ୍ଗାଳିଡାହି ଶ୍ରୀରାମ ନବମୀ ପାଇଁ ପ୍ରସ୍ତୁତି ବୈଠକ



ବୈଶିଙ୍ଗା, ୧୩/୨ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରାମ ପଞ୍ଚାୟତର ବଙ୍ଗାଳିଡାହି ଛକରେ ରହିଛି ହନୁମାନଙ୍କର ବିଶାଳ ପ୍ରତିମୂର୍ତ୍ତି । ଏହି ପ୍ରତିମୂର୍ତ୍ତିଙ୍କଠାରେ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ପୂଜାର୍ଚ୍ଚନା ଓ ଶ୍ରୀରାମ ନବମୀ ଉତ୍ସବ ପାଳନ ପାଇଁ ଶ୍ରୀରାମ ସେନାର ସଦସ୍ୟମାନଙ୍କର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି କଳସ ଯାତ୍ରା ଓ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ସହିତ ରାତିରେ ଭଜନ ସନ୍ଧ୍ୟାର ଆୟୋଜନ ହେବ । ଶାନ୍ତିଶୃଙ୍ଖଳାର ସହିତ ଉକ୍ତ ଉତ୍ସବ କିପରି ଅନୁଷ୍ଠିତ ହେବ ଏହା ଉପରେ ସଦସ୍ୟମାନେ ଆଲୋଚନା କରିଥିଲେ । ବୈଠକରେ ମହେନ୍ଦ୍ର ମହାନ୍ତ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଉମ୍ବରୁଧର ମହାନ୍ତ, ଫାଗୁ ମୁର୍ମୁ, ମଙ୍ଗଲୁ ମହାନ୍ତ, ଗିରିଶ ଚନ୍ଦ୍ର ମହାନ୍ତ, ଛତିଶ ମହାନ୍ତ, କୁଳଚନ୍ଦ୍ର ମହାନ୍ତ, ମଣ୍ଟୁ ମହାନ୍ତ, ଦିନେଶ ମହାନ୍ତ ଓ ହରିବଲ ମହାନ୍ତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଗୀତା ଅଧ୍ୟୟନ ଜୀବନ ବଂଚିବାରେ ଭରିଦିଏ ସ୍ୱର୍ଗୀୟ ଆନନ୍ଦ : ଡ଼. ସୁଷମା ସାହୁ

ଉଦଳା, ୧୩/୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ତରଫରୁ 'ଗୀତାୟାମ ଆତ୍ମନଃ ସ୍ୱରୂପମ' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ବିଭାଗୀୟ ମୁଖ୍ୟ ଡ଼. ସୁଷମା ସାହୁ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ନିୟମିତ ଗୀତା ଅଧ୍ୟୟନ କିପରି ଜୀବନ ବଂଚିବାରେ ସ୍ୱର୍ଗୀୟ ଆନନ୍ଦ ଭରି ଦେଇଥାଏ ବ୍ୟକ୍ତ କରିଥିଲେ । ଉଦଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ପ୍ରଫେସର ସୁଧାକର ଆଚାର୍ଯ୍ୟ ଅତିଥି ଭାବରେ ଯୋଗ ଦେଇ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହାପରେ ଛାତ୍ରୀ ଲୋପାମୁଦ୍ରା ବେହେରା, ଝରଣା ହାଁସଦା, ପଦ୍ମିନି ସୋରେନ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପକ ରବିନାରାୟଣ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ପ୍ରିୟଦର୍ଶନି ମାଝୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆରଆଇଙ୍କୁ ବାଲି ମାଫିଆଙ୍କ ଆକ୍ରମଣ: ଥାନାରେ ଅଭିଯୋଗ ପୋଲିସର ତଦନ୍ତ ଜାରି

ବାଲିଆପାଳ , ୧୩/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅଧିନସ୍ଥ ସୁବର୍ଣ୍ଣରେଖା ନଦୀରୁ ବାଲି ମାଫିଆମାନେ ପ୍ରତେକ ଦିନ ହଜାର ହଜାର ଟ୍ରିପ ବାଲି ଉତୋଳନ କରି ପଶ୍ଚିମବଙ୍ଗକୁ ଚୋରାଚାଲାଣ କରି ମୋଟା ଅଙ୍କର ଅର୍ଥ ଉପାର୍ଜନ କରି ଆସୁଥିଲା ବେଳେ ରାଜ୍ୟ ରାଜସ୍ୱ ହରାଉଛି,। ବାରମ୍ବାର ଏହି ବାଲି ଚୋରି ନେଇ ବାଲିଆପାଳ ତହସିଲରେ ଅଭିଯୋଗ ହୋଇ ଆସୁଥିଲା ବେଳେ ଆଜି ଖବର ପାଇ ଶ୍ରୀରାମପୁର ଆର ଆଇ ସରୋଜିନୀ ଟୁଡୁ ପାଳପଡା ଅଂଚଳରେ ଚଢ଼ାଉ କରିଥିଲେ, ଚଢ଼ାଉ ସମୟରେ ବାଲି ମାଫିଆମାନେ ଆର, ଆଇଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଆର ଆଇ ସରୋଜିନୀ ଟୁଡୁ ଆହତ ହୋଇଥିଲା ବେଳେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ ବାଲି ମାଫିଆଙ୍କ ବିରୋଧରେ ବାଲିଆପାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି, ପୋଲିସ ଅଭିଯୋଗ ପାଇ ତଦନ୍ତ ଜାରୀ ରଖିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida